Title Code - ODIODI07788

# ଓଡ଼ିଶା ପଞ୍ଚାୟତ ସମାଚାର

ସାପ୍ତାହିକ ପତ୍ରିକା
ପଞ୍ଚାୟତିରାଜ ବିଭାଗ,
ଓଡ଼ିଶା ସରକାର

Vol - 1 | Issue - 9 | 4-10 Apr 2017 | Bhubaneswar
ଖଣ୍ଡ - ୧ | ସଂଖ୍ୟା - ୯ | ୪-୧୦ ଏପ୍ରିଲ୍ ୨୦୧୭ | ଭୁବନେଶ୍ୱର
[illegible]

Website: www.odishapanchayat.gov.in
Email: odishapanchayatsamachar@gmail.com
[illegible]



## ବାର୍ତ୍ତା

### ବିକାଶ ସମସ୍ତଙ୍କର ଅଧିକାର

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ବିଜୟୀ ହୋଇ ନିଜ ନିଜ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ଦାୟିତ୍ୱ ଗ୍ରହଣ କରିଥିବା ସମଗ୍ର ଜନପ୍ରତିନିଧିମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଭାଷାରେ ଗାଁରେ ରହିଛି ଭାରତର ଆତ୍ମା । ଗାଁର ଉନ୍ନତି ଜରିଆରେ ହିଁ ଦେଶ ଶକ୍ତିଶାଳୀ ହୋଇପାରିବ । ଗାଁର ବିକାଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱ ସମସ୍ତେ ଜାଣନ୍ତି । ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ବିଜୁବାବୁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ।

ସମ୍ପ୍ରତି ରାଜ୍ୟ ସରକାର ଗାଁର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରତ୍ୟେକ ବର୍ଷ ନିୟମିତ ଭାବରେ ନୂତନ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଉଅଛି । ବିକାଶର ଧାରାରେ ଯେମିତି ସମସ୍ତେ ସାମିଲ ହେବେ, ସେ ଦିଗରେ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଦୁର୍ବଳ ତଥା ପଛୁଆ ବର୍ଗଙ୍କ ଅର୍ଥନୈତିକ ଓ ସାମାଜିକ ଉତ୍ଥାନ ସହିତ ଗ୍ରାମାଞ୍ଚଳରେ ଭିତ୍ତିଭୂମି, ମୌଳିକ ସେବା ଓ ଜୀବିକାର ଉନ୍ନତି ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ଭାଗିଦାରିରେ ହିଁ ଏହାର ସଫଳ ରୂପାୟନ ହୋଇପାରୁଛି । ଶାସନ ଅଧିକ ଗ୍ରାମାଭିମୁଖୀ ହେବା ସହିତ ଗଣତାନ୍ତ୍ରିକ ବ୍ୟବସ୍ଥା ଜରିଆରେ ବିକାଶର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିବ ।

ବିକାଶ ସମସ୍ତଙ୍କର ଅଧିକାର । ସମସ୍ତେ ଯେପରି ନିଜର ନ୍ୟାର୍ଯ୍ୟ ଅଧିକାର ପାଇବେ ତା' ମୋର ପ୍ରାଥମିକତା । ଗ୍ରାମାଞ୍ଚଳ ବିକାଶକୁ ଗତିଶୀଳ ଏବଂ ରାଜ୍ୟର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ମୋର ଲକ୍ଷ୍ୟ । ଆସନ୍ତୁ, ଗ୍ରାମୀଣ ଓଡ଼ିଶାରେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

## ଗାଁ ଗଢ଼ିବା ପାଇଁ ଜନପ୍ରତିନିଧି ସଙ୍କଳ୍ପବଦ୍ଧ ହୁଅନ୍ତୁ



**ଡ. ଅରୁଣ କୁମାର ସାହୁ**
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ), ପଞ୍ଚାୟତିରାଜ ଓ ଆଇନ

ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ ଜନପ୍ରତିନିଧିମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଗ୍ରାମୀଣ ବିକାଶ କହିଲେ ଗ୍ରାମାଞ୍ଚଳର ଉନ୍ନତି ତଥା ଏଥିରେ ବାସ କରୁଥିବା ଜନସାଧାରଣଙ୍କ ଜୀବନର ମାନବୃଦ୍ଧିକୁ ବୁଝାଏ । ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସବୁଠାରୁ ବଡ଼ ଆହ୍ୱାନ । ଏଥି ନିମନ୍ତେ ସରକାର ଅନେକ ଗୁଡ଼ିଏ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମସ୍ତଙ୍କ ପାଇଁ ବାସଗୃହ, ସଡ଼କ, ପିଇବା ପାଣି, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସେବା ଯୋଗାଇବା ସହ ସୁରକ୍ଷିତ ଜୀବିକା ମାଧ୍ୟମରେ ଗ୍ରାମ୍ୟ ଜନଜୀବନରେ ଉନ୍ନତି ଆଣିବା ହେଉଛି ଏହି ଯୋଜନା ଗୁଡ଼ିକର ମୂଳ ଲକ୍ଷ୍ୟ । ଉକ୍ତ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନରେ ପଞ୍ଚାୟତିରାଜ ଅନୁଷ୍ଠାନର ଗୁରୁ ଦାୟିତ୍ୱ ରହିଛି । ଏ କ୍ଷେତ୍ରରେ ସାମାନ୍ୟତମ ଅବହେଳା ବା ଉଦାସୀନତା ଗ୍ରହଣୀୟ ନୁହେଁ । ଯୋଜନା ଗୁଡ଼ିକର ଫଳପ୍ରଦ କାର୍ଯ୍ୟକାରିତା ନିମନ୍ତେ ଲୋକଙ୍କ ସକ୍ରିୟ ସହଭାଗିତାକୁ ସୁନିଶ୍ଚିତ କରିବା ଜରୁରୀ । ତା'ହେଲେ ଯାଇ ଲୋକେ ସେଥିରୁ ସର୍ବାଧିକ ଉପକାର ପାଇବେ । ଏହା ଫଳରେ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ବୃଦ୍ଧି ପାଇ ଏକ ଉତ୍ତରଦାୟୀ ପଞ୍ଚାୟତ ବ୍ୟବସ୍ଥା ସୃଷ୍ଟି ହେବ ।

ମୋର ଦୃଢ଼ ଆଶା ଓ ବିଶ୍ୱାସ, ନୂତନ ଭାବରେ ଦାୟିତ୍ୱ ନେଇଥିବା ପଞ୍ଚାୟତିରାଜ ଜନପ୍ରତିନିଧିମାନେ ଗାଁ ଗଢ଼ିବା ପାଇଁ ସଙ୍କଳ୍ପବଦ୍ଧ ହୋଇ କାମ କରି ସମୃଦ୍ଧ ଓଡ଼ିଶା ଗଠନରେ ସହଯୋଗର ହାତ ବଢ଼ାଇବେ ।

## ଆଦର୍ଶ ଗ୍ରାମପଞ୍ଚାୟତର ପରିକଳ୍ପନା ସାକାର ହେଉ



**ଆଦିତ୍ୟ ପ୍ରସାଦ ପାଢ଼ୀ, ଭା.ପ୍ର.ସେ**
ମୁଖ୍ୟ ଶାସନ ସଚିବ, ଓଡ଼ିଶା

ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନକୁ ନିର୍ବାଚିତ ହୋଇଥିବା ସମସ୍ତ ଜନପ୍ରତିନିଧିମାନଙ୍କୁ ସେମାନଙ୍କ ନୂତନ ଦାୟିତ୍ୱ ଗ୍ରହଣ ଅବସରରେ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ଶାସନ ରହିଛି । ଏହି ଶାସନ ବ୍ୟବସ୍ଥାରେ ଦେଶର ସବୁ ନାଗରିକ ଯେପରି ଅଂଶ ଗ୍ରହଣ କରିପାରିବେ, ସେଥିପାଇଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପଞ୍ଚାୟତିରାଜ ଅନୁଷ୍ଠାନ ଦକ୍ଷ ଓ ଦୃଢ଼ୀଭୂତ ହେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧିକ ଫଳପ୍ରସୂ ହେବ ।

ରାଜ୍ୟ ସରକାର ପଞ୍ଚାୟତିରାଜକୁ ଅଧିକ କ୍ଷମତାସମ୍ପନ୍ନ କରିବା ପାଇଁ ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି । ଅର୍ଥ କମିଶନଙ୍କ ସୁପାରିଶକୁ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରି ଗ୍ରାମପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, ମହିଳା ଓ ଶିଶୁ କଲ୍ୟାଣ, କର୍ମଯୋଗାଣ, ଜୀବିକା ସୁରକ୍ଷା ଓ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ଆଦି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ପରିଚାଳନା ନିମନ୍ତେ ଆର୍ଥିକ ଅନୁଦାନ ସହ ପଞ୍ଚାୟତ ମାନଙ୍କୁ ଅଧିକରୁ ଅଧିକ କ୍ଷମତା ହସ୍ତାନ୍ତର କରାଯାଇଛି ।

ସଠିକ୍ ସୂଚନା ସମ୍ପ୍ରସାରଣ, ଦକ୍ଷତା ଅଭିବୃଦ୍ଧି ଏବଂ ବ୍ୟାପକ ସଚେତନତା ସହ ସମସ୍ତ ଅନୁଦାନ ଓ କ୍ଷମତାର ଉପଯୁକ୍ତ ବିନିଯୋଗ କରାଗଲେ ଗାନ୍ଧିଜୀଙ୍କର 'ସ୍ୱରାଜ' ସ୍ୱପ୍ନ ସାକାର ହେବ । ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରକାଶନ କରାଯାଉଥିବା 'ଓଡ଼ିଶା ପଞ୍ଚାୟତ ସମାଚାର' ଏ ଦିଗରେ ଏକ ଉତ୍ତମ ପ୍ରଚେଷ୍ଟା ।

ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ପଞ୍ଚାୟତିରାଜ ଅନୁଷ୍ଠାନକୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ସେମାନଙ୍କ ନେତୃତ୍ୱରେ ରାଜ୍ୟର ପ୍ରତିଟି ଗ୍ରାମପଞ୍ଚାୟତ ଗୋଟିଏ ଗୋଟିଏ ଆଦର୍ଶ ଗ୍ରାମପଞ୍ଚାୟତରେ ପରିଣତ ହେବ ବୋଲି ଆଶା କରୁଛି ।

# ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା

ନିର୍ବାଚନ ସରିଯାଇଛି । ବାଦ, ବିବାଦ ଓ ପ୍ରତିବାଦର ଉତ୍ତେଜନାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ନିଜ ଅଞ୍ଚଳରେ ସମ୍ବର୍ଦ୍ଧିତ ହେଉଥିବା ବେଳେ ନିର୍ବାଚନ ପ୍ରତିଶ୍ରୁତି ପ୍ରତି ଥିବା ପ୍ରତିବଦ୍ଧତା ସେମାନଙ୍କ ମନରେ ନିଶ୍ଚୟ ଅନୁରଣିତ ହେଉଥିବ । ଏହି ପ୍ରତିନିଧିଙ୍କ ମଧ୍ୟରେ ଅନେକେ ପ୍ରଥମଥର ନିର୍ବାଚିତ ହୋଇଥିବେ । ତେଣୁ ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ସେମାନେ ସେତେଟା ସଚେତନ ନଥିବେ । ନୂଆ ପ୍ରତିନିଧି ସମୟକ୍ରମେ ଦାୟିତ୍ୱସମ୍ପନ୍ନ ହେବା ଶିଖିବେ । ଏସବୁ ସତ୍ତ୍ୱେ ସରକାରଙ୍କ ପଞ୍ଚାୟତରାଜ ବିଭାଗ ପକ୍ଷରୁ ପଞ୍ଚାୟତ ପ୍ରତିନିଧିଙ୍କ ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ସେମାନଙ୍କୁ ପର୍ଯ୍ୟାୟକ୍ରମେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସ୍ଆଇଆରଡ଼ି) ପକ୍ଷରୁ ତାଲିମ ଦିଆଯିବ । ତେବେ ଆମର ଏଠାରେ କହିବାର କଥା ଯେ, ଏହା କେବଳ ଗତାନୁଗତିକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରହୁ । ଆମକୁ ମନେରଖିବାକୁ ହେବ ଯେ, କେବଳ ନିର୍ବାଚନ ଜିତିଯିବା ଶେଷ କଥା ନୁହେଁ । ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ପ୍ରଥମେ ନିଜକୁ ସମର୍ଥ କରିବାକୁ ହେଲେ ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ସଚେତନ ହେବାକୁ ପଡ଼ିବ । ତେଣୁ ଶିଖିବାର ମାନସିକତା ନେଇ ତାଲିମ କାର୍ଯ୍ୟକ୍ରମରେ ଅଂଶୀଦାର ହେବା ଜରୁରୀ ।

ପଞ୍ଚାୟତରାଜ ବ୍ୟବସ୍ଥାର କ୍ଷମତା ପରିସର ବୃଦ୍ଧି ପାଇଥିବାରୁ ଦିନକୁ ଦିନ ଉଚ୍ଚଶିକ୍ଷା ପ୍ରାପ୍ତ ଯୋଗ୍ୟ ଯୁବଗୋଷ୍ଠୀ ପ୍ରତିନିଧିତ୍ୱ ହାସଲ ପାଇଁ ଆଗେଇ ଆସୁଛନ୍ତି । ସେମାନଙ୍କ ଆଖିରେ ଅସୁମାରି ସ୍ୱପ୍ନ । ତେଣୁ ନିଜ ଜନ୍ମମାଟି ସେହି ଛୋଟ ଗାଁର ଭୌଗୋଳିକ ଓ ସାମାଜିକ ପରିବେଶରେ ଆଖି ଦୃଶିଆ ପରିବର୍ତ୍ତନ ଆଣିବାର ସ୍ୱପ୍ନକୁ ସାକାର କରିବା ସେଭଳି କିଛି ବଡ଼କଥା ନୁହେଁ । ତୃଣମୂଳସ୍ତରର ବିକାଶ ସକାଶେ ସରକାରୀ ଯୋଜନାର ଅଭାବ ନାହିଁ । ଯୋଜନା ଓ କାର୍ଯ୍ୟକ୍ରମ ରୂପାୟନ ପାଇଁ ବରାଦ ଅର୍ଥକୁ ଠିକଣା ଭାବେ ଉପଯୋଗ କରିବାର ମାଧ୍ୟମ ହେଉଛନ୍ତି ପଞ୍ଚାୟତିରାଜ ଲୋକ ପ୍ରତିନିଧି ।

ସର୍ବୋପରି ଗାଁ ଗହଳର ହିତାଧିକାରୀଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରିବାର ଗୁରୁ ଦାୟିତ୍ୱ ମଧ୍ୟ ଏହି ଲୋକ ପ୍ରତିନିଧିଙ୍କର । ଏଠାରେ ଉଲ୍ଲେଖଯୋଗ୍ୟ କି, ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ପରିସରକୁ କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ବାନ୍ଧି ରଖାଯାଇ ପାରିବ ନାହିଁ । ଲୋକାଭିମୁଖୀ ସମସ୍ତ ଯୋଜନାର ନୋଡାଲ ଏଜେନ୍ସି ରୂପେ ପଞ୍ଚାୟତ ପ୍ରତିନିଧି ନିଜର ଲୋକ ସମ୍ପର୍କ ମାଧ୍ୟମରେ କାର୍ଯ୍ୟକାରୀ କରିଥାଏ । ସର୍ବୋପରି ଆଞ୍ଚଳିକସ୍ତରରେ ଗୁରୁତ୍ୱ ପାଉନଥିବା ଏକାଧିକ ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକପ୍ରତିନିଧି ମାନେ ଦିଗ୍‌ଦର୍ଶକ ରୂପେ ଜିଲ୍ଲା ଓ ରାଜ୍ୟସ୍ତରରେ ଉପସ୍ଥାପନ କରିପାରିବେ । ତେଣୁ ଲୋକପ୍ରତିନିଧି ନିଜେ ଯୋଗ୍ୟ ଓ ଦାୟିତ୍ୱ ସମ୍ପନ୍ନ ହେବା ସହ ଆଞ୍ଚଳିକସ୍ତରରେ ସଚେତନ ନାଗରିକ ସୃଷ୍ଟି କରିପାରିଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ।

## ତୃଣମୂଳ ସ୍ତରରୁ ଭାଗିଦାରୀରେ ବିକାଶକୁ ଗୁରୁତ୍ୱ



**ଆର୍. ବାଲକ୍ରିଷ୍ଣନ୍, ଭା.ପ୍ର.ସେ**
**ଉନ୍ନୟନ କମିଶନର**
**ଓଡ଼ିଶା ସରକାର**

ଓଡ଼ିଶାକୁ ବିକାଶ ପଥରେ ଅଗ୍ରସର କରାଇବାକୁ ହେଲେ ତୃଣମୂଳ ସ୍ତରରେ ଆବଶ୍ୟକତା ଭିତ୍ତିକ ଯୋଜନାର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହି ଯୋଜନା ପ୍ରସ୍ତୁତି ନିମନ୍ତେ ଗ୍ରାମ୍ୟ ସ୍ତରରେ ସମସ୍ତଙ୍କର ଭାଗିଦାରିତା ଅତ୍ୟନ୍ତ ଅପରିହାର୍ଯ୍ୟ । ଏଥି ସକାଶେ ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ନୀତିନିୟମ, ନିର୍ଦ୍ଦେଶାବଳୀ ଆଦି ସମ୍ପର୍କରେ ଅବଗତ କରାଇପାରିଲେ ଯୋଜନାର କାର୍ଯ୍ୟାନ୍ୱୟନରେ ସେମାନଙ୍କର ଅଂଶ ଗ୍ରହଣ ବୃଦ୍ଧି ପାଇବ । ତେଣୁ ଏଥି ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ଜ୍ଞାନ ତଥା ଦକ୍ଷତା ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି ।

ନିକଟ ଅତୀତରେ ଅନୁଷ୍ଠିତ ହୋଇଯାଇଥିବା ତ୍ରି-ସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ନୂତନ ଭାବେ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ପ୍ରଗତିର ମଙ୍ଗକୁ ବ୍ୟକ୍ତିଗତ ତଥା ସାମୂହିକ ଭାବେ ଧରି ଏହାକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ମୁଁ ବିନମ୍ର ଅନୁରୋଧ କରୁଛି । ଏହି ପୃଷ୍ଠଭୂମିରେ ପଞ୍ଚାୟତିରାଜ ବିଭାଗ ଦ୍ୱାରା ପ୍ରକାଶିତ 'ଓଡ଼ିଶା ପଞ୍ଚାୟତ ସମାଚାର' ରାଜ୍ୟର ସମସ୍ତ ଜନସାଧାରଣ ତଥା ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମସ୍ତ କର୍ମକର୍ତ୍ତା ତଥା ଜନପ୍ରତିନିଧିମାନଙ୍କର ଦକ୍ଷତା ବୃଦ୍ଧିରେ ଯଥେଷ୍ଟ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

## ଜନପ୍ରତିନିଧିଙ୍କ ଦକ୍ଷତା ଓ ସ୍ୱଚ୍ଛତା ଜରୁରୀ



**ଦେଓରଞ୍ଜନ କୁମାର ସିଂହ, ଭା.ପ୍ର.ସେ**
**କମିଶନର ତଥା ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ**

ନିକଟରେ ଶେଷ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ସାଧାରଣ ନିର୍ବାଚନରେ ନିର୍ବାଚିତ ହୋଇ ଦାୟିତ୍ୱ ନେଇଥିବା ଜନପ୍ରତିନିଧିମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛି ।

ତୃଣମୂଳ ଶାସନ ପ୍ରକ୍ରିୟାରେ ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ଏକ ଆହ୍ୱାନ । ବିଭିନ୍ନ ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନାରେ ଉପଯୁକ୍ତ ହିତାଧିକାରୀ ଚୟନ ଓ ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟକାରିତା ନିମନ୍ତେ ଯୋଜନା ପ୍ରସ୍ତୁତି କେବଳ ଲୋକମାନଙ୍କର ବ୍ୟାପକ ସହଭାଗିତାରେ ହିଁ ହୋଇପାରିବ । ଏହା ଦ୍ୱାରା ଅପହଞ୍ଚ ଲୋକଙ୍କ ପାଖରେ ବିକାଶର ସୁଫଳ ଉପଲବ୍ଧ ହୋଇ ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ପ୍ରତିପାଦନ କରିହେବ । ଏହି କ୍ଷେତ୍ରରେ ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କର ଦକ୍ଷତା ଓ ସ୍ୱଚ୍ଛତା ଉପରେ ଯୋଜନା ଗୁଡ଼ିକର ସଫଳତା ନିର୍ଭର କରେ ।

ଆଦର୍ଶ ଗ୍ରାମ ଓ ଦାରିଦ୍ର୍ୟମୁକ୍ତ ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ଦୀର୍ଘସୂତ୍ରୀ ପରିକଳ୍ପନା ସ୍ଥିର କରାଯାଇ ସାମଗ୍ରିକ ବିକାଶ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରାଯାଉ । ନିୟମିତ ଅନ୍ତରରେ ଉଦ୍ଦେଶ୍ୟ ବା ଲକ୍ଷ୍ୟ ପଥରେ କାର୍ଯ୍ୟ କେତେବାଟ ଆଗେଇଛି, ତାହାର ଏକ ଚିତ୍ର ଅଙ୍କାଯାଇ ଏହାକୁ ଗତିଶୀଳ କରାଯାଉ । ଗ୍ରାମୀଣ ଲୋକଙ୍କ ସୁଖକର ଜୀବନ, ଆର୍ଥିକ ଅଭିବୃଦ୍ଧି, ହାତକୁ କାମ ଯୋଗାଇବା, ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନତ ଭିତ୍ତିଭୂମି ଓ ଜୀବିକା ନିମନ୍ତେ ସମସ୍ତେ ସଂକଳ୍ପର ସହିତ ଆଗେଇ ଆସିବେ ବୋଲି ଏହି ଅବସରରେ ମୋର ଦୃଢ଼ ଆଶା ଓ ବିଶ୍ୱାସ ।

# ସ୍ୱତନ୍ତ୍ର ଉତ୍କଳର ସୁଯୋଗ୍ୟ ବିନ୍ଧାଣୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ପାଇଁ ଆମକୁ ଆହୁରି ୧୯ ବର୍ଷ ଅପେକ୍ଷା କରିବାକୁ ପଡ଼ିବ । ଏହାର ଅର୍ଥ ନୁହଁ ଓଡ଼ିଶାର ଭୌଗୋଳିକ ସ୍ଥିତି ମାତ୍ର ୮୧ ବର୍ଷର । ଇଂରେଜମାନେ ଭାରତକୁ ଶାସନାଧିନ କରିବାର ବହୁ ବର୍ଷ ପରେ ଓଡ଼ିଶାକୁ ୧୮୦୩ରେ ଦଖଲ କରିଥିଲେ । ଏହି ପରାଧିନତା ବିରୋଧରେ ଖୋରଧାର ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ପ୍ରଥମ ସଶସ୍ତ୍ର ବିଦ୍ରୋହ ହୋଇଥିଲା ୧୮୦୬ରେ । ଏହି ପାଇକ ବିଦ୍ରୋହର ୨ଶହ ବାର୍ଷିକୀ ପାଳନ ଅବସରରେ ଓଡ଼ିଆ ପୁଅଙ୍କ ବଳିଦାନ ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନକରେ । ଅବଶ୍ୟ ପ୍ରବଳ ପ୍ରତିବାଦ ଓ ସଂଗ୍ରାମ ଫଳରେ ୧୯୩୬ ଏପ୍ରିଲ ପହିଲାରେ ଭାଷାଭିତ୍ତିକ ପ୍ରଥମ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ହାସଲ କରିଥିଲା ଓଡ଼ିଶା । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାକୁ ନେଇ ଗଠିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର କଳେବର ଦେଶୀୟ ରାଜ୍ୟ ମିଶ୍ରଣ ପରେ ସମ୍ପ୍ରସାରିତ ହୋଇଥିଲା । ଏହାସତ୍ତ୍ୱେ ଷଢ଼େଇକଳା ଓ ଖରସୁଆଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୂପେ ଓଡ଼ିଶାରେ ମିଶିଥିଲେ ମଧ ମାତ୍ର ୪ମାସ ଭିତରେ ତାହାକୁ ପ୍ରତ୍ୟାହାର କରିନିଆଯାଇଥିଲା । ୧୯୫୬ ସୀମା କମିଶନ ରିପୋର୍ଟରେ ମଧ ଓଡ଼ିଶାର ଦାବି ସ୍ଥାନ ପାଇନଥିଲା । ପ୍ରତିବାଦରେ ଛାତ୍ର ଓ ଯୁବଗୋଷ୍ଠୀଙ୍କ ହରତାଳ ହିଂସାତ୍ମକ ରୂପ ନେଇଥିଲା ଏବଂ ସେଥିରେ ସୁନୀଲ ଦେଓ ବେଙ୍ଗ ପାଣିଆ ପୁଲିସ ଗୁଳିରେ ସହିଦ ହୋଇଥିଲେ ।

ଓଡ଼ିଆ ଭାଷାଭାଷୀଙ୍କ ଭୌଗୋଳିକ ଦୃଷ୍ଟିରୁ ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନ ପଛରେ ଥିବା ଐତିହାସିକ ଉଦ୍ୟମ ଓ ସଂଗ୍ରାମର କର୍ଣ୍ଣଧାରମାନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିବା ସବୁ ଓଡ଼ିଆଙ୍କ ନୈତିକ କର୍ତ୍ତବ୍ୟ । ୧୯୦୩ରେ ଗଠିତ ଉତ୍କଳ ସମ୍ମିଳନୀ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଜନମତ ସୃଷ୍ଟି କରିବା ସହ ଇଂରେଜ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଆସିଥିଲା । ତେବେ ଏହା ପୂର୍ବରୁ ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ମାଡ୍ରାସ ପ୍ରେସିଡେନ୍ସିରୁ ଦକ୍ଷିଣ ଓଡ଼ିଶାକୁ ପୃଥକ କରି ଓଡ଼ିଶା ସହ ସଂଯୁକ୍ତ ପାଇଁ ୧୯୦୧ରେ ଆୟୋଜନ କରିଥିବା ବିରାଟ ସାଧାରଣ ସଭା ଉତ୍କଳ ସମ୍ମିଳନୀ ଗଠନର ମୂଳ ଭିତ୍ତି ପକାଇଥିଲା କହିଲେ ଭୁଲ ହେବନି । ସେହିଭଳି ୧୯୦୨ରେ ଗଞ୍ଜାମ ଜାତୀୟ ସମିତି ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ବ୍ରହ୍ମପୁର ଅଧିବେଶନ ଓଡ଼ିଶାର ବୁଦ୍ଧିଜୀବୀଙ୍କୁ ସମ୍ମିଳିତ ହେବାପାଇଁ ପ୍ରେରଣା ଯୋଗାଇଥିଲା । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବଙ୍ଗଳା ପ୍ରେସିଡେନ୍ସିର ବିଭାଜନ ମାଧ୍ୟମରେ ବିହାର-ଓଡ଼ିଶା ପ୍ରଦେଶ ଗଠନ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଅନୁପ୍ରେରିତ କରିଥିଲା । ଉତ୍କଳ ସମ୍ମିଳନୀ ଏହା ସପକ୍ଷରେ ଜନମତକୁ ପ୍ରଭାବିତ କରିବା ପାଇଁ ସାଙ୍ଗଠନିକ ଉଦ୍ୟମ ଆରମ୍ଭ କରିଦେଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହ ମିଶି ରହିଥିବାରୁ ସେ ସବୁ ଅଞ୍ଚଳରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା, ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷା ପ୍ରଚଳିତ ହେଉଥିଲା । ତେଣୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଅପେକ୍ଷା ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ଥିଲା ସେ ସମୟର ମୁଖ୍ୟ ପ୍ରସଙ୍ଗ । ଉତ୍କଳ ସମ୍ମିଳନୀ ମଞ୍ଚରୁ ଯେଉଁ ଆନ୍ଦୋଳନ ଆରମ୍ଭ ହେଲା ସେଥିରେ ସାହିତ୍ୟ ସାଧନାରେ ବ୍ରତୀ ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଯୋଡ଼ିହୋଇଗଲେ । ଏହି ଉଦ୍ୟମର କର୍ଣ୍ଣଧାର କୁଳବୃଦ୍ଧ ମଧୁସୂଦନ ଥିଲେ ମଧ ଅନ୍ୟ ଯେଉଁ ସୁଯୋଗ୍ୟ ସନ୍ତାନମାନେ ସାମିଲ ହୋଇ ଜନମତକୁ ଜାଗ୍ରତ କରିଥିଲେ ସେମାନଙ୍କ ମଧରେ ଉତ୍କଳମଣି ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ଭୁବନାନନ୍ଦ ଦାସ, ବିଚିତ୍ରାନନ୍ଦ ଦାସ, ଗୌରୀଶଂକର ରାୟ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଚନ୍ଦ୍ରଶେଖର ବେହେରା, ଫକୀରମୋହନ ସେନାପତି, ରାଧାନାଥ ରାୟ ଓ ଗଙ୍ଗାଧର ମେହେର ଅନ୍ୟତମ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଯେ, ୧୮୯୦ରେ ଓଡ଼ିଆ ଭାଷାକୁ ସରକାରୀ ସ୍ୱୀକୃତି ମିଳିଥିଲା । ଏହି ମହାମନିଷୀ ମାନଙ୍କ ଅଳିଭା କୀର୍ତ୍ତି ଓ କୃତୀ ଓଡ଼ିଶାର ଜନମାନସରେ ଚିରସ୍ମରଣୀୟ ହୋଇ ରହିଛି ଓ ରହିବ ।



### ଉତ୍କଳ ଗୌରବ ମଧୁସୂଦନ ଦାସ (୧୮୪୮-୧୯୩୪)

କଟକ ଜିଲ୍ଲା ସତ୍ୟଭାମାପୁରରେ ଜନ୍ମ ଗ୍ରହଣ କରିଥିବା ମଧୁସୂଦନ ଦାସ ୧୮୮୨ରେ କଲିକତାରୁ ପଢ଼ାସାରି ଫେରିବା ପରେ ଗଠନ କରିଥିଲେ ଉତ୍କଳ ସଭା । ସମୟକ୍ରମେ ରୂପନେଇଥିଲା ଉତ୍କଳ ସମ୍ମିଳନୀ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ସେ ଏହି ମଞ୍ଚରୁ ନେତୃତ୍ୱ ଦେଇଥିଲେ ।

### ଉତ୍କଳମଣି ଗୋପବନ୍ଧୁ ଦାସ (୧୮୭୭-୧୯୨୮)

ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ଦାର୍ଶନିକ ଓ ସମାଜସେବୀ ଭାବେ ଚିରସ୍ମରଣୀୟ ଗୋପବନ୍ଧୁ ଦାସ ପୁରୀ ନିକଟସ୍ଥ ସୁଆଣ୍ଡୋରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପୁନରୁତ୍ଥାନ ପାଇଁ ତାଙ୍କ ନେତୃତ୍ୱରେ ପଞ୍ଚସଖା ସମଗ୍ର ରାଜ୍ୟରେ ଜାଗରଣ ସୃଷ୍ଟି କରିଥିଲା । ସତ୍ୟବାଦୀ ବନବିଦ୍ୟାଳୟରେ ମଣିଷ ତିଆରି କାରଖାନା ପ୍ରତିଷ୍ଠା ସାଙ୍ଗକୁ 'ସମାଜ' ସମ୍ବାଦପତ୍ରର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ ।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ (୧୮୯୨-୧୯୭୪)

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୩୦ରେ ପ୍ରଥମ ଲଣ୍ଡନ ଗୋଲଟେବୁଲ୍ ବୈଠକରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ବ୍ରିଟିଶ୍ ଶାସକଙ୍କୁ ପ୍ରଭାବିତ କରିବା ଫଳରେ ଓଡ଼ିଶା କମିଟି ଗଠନ ହୋଇପାରିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଏହାର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ।

### ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (୧୮୭୦-୧୯୧୨)

ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ୧୯୦୩ରେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀର ଅନ୍ୟତମ ସକ୍ରିୟ ସଦସ୍ୟ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ଓଡ଼ିଆ ଭାଷା ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ।

### ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬-୧୯୫୬)

ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଗୋଦାବରୀଶ ମିଶ୍ର ପୁରୀ ଜିଲ୍ଲାର ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ବିଚ୍ଛିନ୍ନାଞ୍ଚଳରେ ଭାଷା ସୁରକ୍ଷା ଅଭିଯାନର ସେ ଥିଲେ ଅନ୍ୟତମ ମହାରଥୀ ।

### ବ୍ୟାସକବି ଫକୀରମୋହନ ସେନାପତି (୧୮୪୩-୧୯୧୮)

ଭାଷା ସୁରକ୍ଷା ଆନ୍ଦୋଳନରେ ଫକୀରମୋହନ ସେନାପତିଙ୍କ ସାହିତ୍ୟକୃତୀ ତତ୍କାଳୀନ ଜନଜୀବନକୁ ଉଦ୍‌ବେଳିତ କରିଥିଲା । ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ଭାବେ ସେ ପରିଚିତ ।

### କବିବର ରାଧାନାଥ ରାୟ (୧୮୪୮-୧୯୦୮)

ବାଲେଶ୍ୱରର କେଦାରପୁରରେ ଜନ୍ମଗ୍ରହଣ କରିଥିଲେ କବିବର ରାଧାନାଥ ରାୟ । ସାହିତ୍ୟ ରଚନା ବ୍ୟତୀତ ଓଡ଼ିଆ ଭାଷାର ସ୍ଥିତିକୁ ବଞ୍ଚାଇ ରଖିବା ଦିଗରେ ତାଙ୍କର ଅବଦାନ ଯଥେଷ୍ଟ । ଓଡ଼ିଶା ବିଦ୍ୟାଳୟ ସମୂହର ଇନ୍‌ସପେକ୍ଟର ଥିବା ସମୟରେ ଫକୀର ମୋହନ ସେନାପତି ଏବଂ ମଧୁସୂଦନ ରାଓଙ୍କ ସହ ମିଶି ରାଧାନାଥ ରାୟ ସ୍କୁଲରେ ଓଡ଼ିଆ ବହି ପ୍ରଚଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪)

ବିପ୍ଳବୀ ତଥା ଜାତୀୟବାଦୀ କବି ଗଙ୍ଗାଧର ମେହେର ସମ୍ବଲପୁର ଜିଲ୍ଲା ବରପାଲିରେ ଜନ୍ମ ଗ୍ରହଣ କରିଥିଲେ । ସେ ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରିଥିଲେ । ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, କୀଚକ ବଧ ତାଙ୍କର ଶ୍ରେଷ୍ଠ କାବ୍ୟକୃତି ଭାବେ ଜଣାଶୁଣା ।

# ଜାତୀୟ ଅଭିବୃଦ୍ଧି ହାର

# ଆଗରେ ଓଡ଼ିଶା







ଓଡ଼ିଶାର ଅର୍ଥନୈତିକ ପ୍ରଗତି ଉତ୍ସାହଜନକ । ଦେଶର ଅର୍ଥନୀତି ଗତ ୫ବର୍ଷ ମଧ୍ୟରେ ବାର୍ଷିକ ହାରାହାରି ୬.୮୪ ପ୍ରତିଶତ ହାରରେ ବଢୁଥିବା ବେଳେ ଓଡ଼ିଶାର ଅର୍ଥନୀତି ୬.୬୬ ପ୍ରତିଶତ ହାରରେ ବଢୁଥିଲା । ତେବେ ଏ ବର୍ଷ ଓଡ଼ିଶାର ଅର୍ଥନୀତି କ୍ଷେତ୍ରରେ ଯେଉଁ ଅଗ୍ରଗତି ଘଟିଛି ତାହା ଜାତୀୟ ହାରକୁ ଅତିକ୍ରମ କରିଯାଇଛି । କ୍ରମାଗତ ଭାବେ ଜାତୀୟ ହାରଠାରୁ ପଛରେ ଥିବା ଓଡ଼ିଶାରେ କୃଷି ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବାରୁ ବାର୍ଷିକ ଅଭିବୃଦ୍ଧି ହାର ୭.୯୪ ପ୍ରତିଶତ ହୋଇଛି । ଏହି ସମୟରେ ଜାତୀୟ ଅଭିବୃଦ୍ଧି ହାର ୭.୧ ପ୍ରତିଶତ ଥିଲା ।

ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ୨୦୧୬-୧୭ ଓଡ଼ିଶା ଅର୍ଥନୀତି ସର୍ଭେ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ରିପୋର୍ଟର ତଥ୍ୟ ଅନୁଯାୟୀ ରାଜ୍ୟର ମୁଣ୍ଡପିଛା ଆୟ ୭୧,୬୭୮ ଟଙ୍କାକୁ ବୃଦ୍ଧି ପାଇଛି । ସୂଚନାଯୋଗ୍ୟ କି ୨୦୧୧-୧୨ରେ ଏହି ମୁଣ୍ଡପିଛା ଆୟ ୪୭,୬୩୨ ଟଙ୍କା ଥିଲା । ରାଜ୍ୟ ସରକାର ସାମଗ୍ରିକ ଭାବେ ଦକ୍ଷତାର ସହ ଅର୍ଥନୀତିକୁ ସୁପରିଚାଳିତ କରିଥିବା ବେଳେ ବିଭିନ୍ନ ବିକାଶମୂଳକ ଯୋଜନାର ଅଗ୍ରଗତି ପାଇଁ ଉଦ୍ୟମ ଜାରି ରଖିଛନ୍ତି । ରାଜ୍ୟ ଅର୍ଥନୀତି କ୍ରମଶଃ କୃଷିରୁ ସେବା ଓ ଶିଳ୍ପ ଅଭିମୁଖୀ ହେଉଛି । ତେଣୁ ରାଜ୍ୟ ଘରୋଇ ଉତ୍ପାଦନ (ଜିଏସ୍‌ଡିପି) ପ୍ରତି କୃଷିର ଅବଦାନ କ୍ରମାଗତ ଭାବେ ହ୍ରାସ ପାଉଥିଲେ ମଧ୍ୟ ଶିଳ୍ପ ଓ ସେବା କ୍ଷେତ୍ରର ମିଳିତ ଅବଦାନ ୮୦.୦୯ ପ୍ରତିଶତକୁ ବୃଦ୍ଧି ପାଇଥିବାରୁ ଏହି ସଫଳତା ହାସଲ ହୋଇପାରିଛି । ଖଣି, ନିର୍ମାଣ, ବାଣିଜ୍ୟ, ପରିବହନ ଓ ରିୟଲ୍ ଇଷ୍ଟେଟ୍ ରାଜ୍ୟର ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ରାଜ୍ୟ ସରକାରଙ୍କ ବ୍ୟୟ ୨୦୧୧-୧୨ରେ ମୋଟ ଉତ୍ପାଦନର ୧୮.୪୮ ପ୍ରତିଶତ ଥିବାବେଳେ ଏହା ୨୦୧୬-୧୭ରେ ୨୪.୮୨ ପ୍ରତିଶତକୁ ବଢ଼ିଛି । ସେହିଭଳି ପୁଞ୍ଜି ବ୍ୟୟ ମଧ୍ୟ ୩.୨୭ରୁ ୫.୧୭ ପ୍ରତିଶତକୁ ବୃଦ୍ଧି ପାଇଛି । ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ୨୦୦୪-୧୫ ମଧ୍ୟରେ ୨.୧ ପ୍ରତିଶତ କମିଥିବାବେଳେ ଘରୋଇ କ୍ଷେତ୍ରରେ ୧.୪ ପ୍ରତିଶତ ବଢ଼ିଛି ।

ସର୍ଭେ ରିପୋର୍ଟରୁ ପ୍ରକାଶ ଯେ ଘରୋଇ ଉତ୍ପାଦକୁ କୃଷିର ଅବଦାନ ୧୯.୯୧ ପ୍ରତିଶତ ହୋଇଥିଲେ ମଧ୍ୟ ମୋଟ ଶ୍ରମଶକ୍ତିର ୬୦ ପ୍ରତିଶତ ଏବେ ମଧ୍ୟ କୃଷି ଉପରେ ନିର୍ଭର କରୁଛନ୍ତି । ୨୦୧୫-୧୬ ସୁଦ୍ଧା ରାଜ୍ୟର ୫୪.୭୪ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ସରକାରଙ୍କ ଘୋଷିତ ଲକ୍ଷ୍ୟ ଅନୁଯାୟୀ ସବୁ ବ୍ଲକର ଅନ୍ୟୂନ ୩୫ ପ୍ରତିଶତ ଚାଷଜମିକୁ ସେଚଜଳ ଯୋଗାଇବା ପାଇଁ ପ୍ରକଳ୍ପ ହାତକୁ ନିଆଯାଇଛି । ସୁରକ୍ଷିତ କୃଷି ପାଇଁ ସରକାର ଏହାକୁ ଅଗ୍ରାଧିକାର ପ୍ରଦାନ କରୁଛନ୍ତି । ରାଜ୍ୟର ବିଜୁଳି ଚାହିଦା ୨୦୧୫-୧୬ ସୁଦ୍ଧା ୨୯୩୪ ମେଗାୱାଟ୍ ଥିବାବେଳେ ଏବେ ୨୯୦୧ ମେଗାୱାଟ୍ ଉତ୍ପାଦିତ ହେଉଛି । ରାଜ୍ୟର ପ୍ରାୟ ୯୨.୮୮ପ୍ରତିଶତ ଗାଁକୁ ବିଜୁଳି ସଂଯୋଗ ହୋଇସାରିଛି ।

ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟରେ ଦାରିଦ୍ର୍ୟ ହାର ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ୨୪.୬ ପ୍ରତିଶତ ହ୍ରାସ ପାଇ ୩୨.୬ ଶତାଂଶରେ ପହଞ୍ଚିଥିଲା । ରାଜ୍ୟରେ ଆଞ୍ଚଳିକ, ସାମାଜିକ ଓ ସାଧାରଣ ସ୍ତରରେ ଥିବା ବୈଷମ୍ୟ ହ୍ରାସ ପାଇଁ ଯୋଜନାର ରୂପରେଖରେ ପରିବର୍ତ୍ତନ ଅଣାଯାଇଛି । ରାଜ୍ୟରେ ଶିଶୁ ଜନ୍ମହାର ପ୍ରତି ହଜାରେ ଜନସଂଖ୍ୟାରେ ୧୯.୪ ପ୍ରତିଶତକୁ କମିଛି । ଜାତୀୟ ସ୍ତରରେ ଏହି ହାର ରହିଛି ୨୧ ପ୍ରତିଶତ । ସେହିଭଳି ଆନୁଷ୍ଠାନିକ ପ୍ରସବ ହାର ୨୦୦୫ରେ ୨୮ ପ୍ରତିଶତ ଥିବାବେଳେ ୨୦୧୬ ଫେବୃଆରୀ ସୁଦ୍ଧା ତାହା ୬୯ ପ୍ରତିଶତକୁ ବୃଦ୍ଧି ପାଇଛି ।

ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ମୋଟ ଖର୍ଚ୍ଚର ୭୫ ପ୍ରତିଶତ ବିନିଯୋଗ ହେଉଥିବା ବେଳେ ପୁଞ୍ଜି ବ୍ୟୟ ମଧ୍ୟ ୩ଗୁଣ ବଢ଼ିଛି । ତେଣୁ ରାଜ୍ୟର ଆର୍ଥିକ ସ୍ଥିତି ସ୍ଥିର ରହିଛି ବୋଲି କୁହାଯାଇପାରେ ।

ବ୍ୟବସାୟ, ପରିବହନ, ଯୋଗାଯୋଗ, କୋଠାବାଡ଼ି ନିର୍ମାଣ ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ୨୦୧୫-୧୬ ବର୍ଷରେ ଦୁଇଅଙ୍କ ସୂଚକ ଅଭିବୃଦ୍ଧି ଘଟିବା ଯୋଗୁଁ ରାଜ୍ୟରେ ଅର୍ଥନୀତି ସେବା କ୍ଷେତ୍ରରେ ଅଧିକ ଅଗ୍ରଗତି ପରିଲକ୍ଷିତ ହୋଇଛି ।




**ODISHA ECONOMIC SURVEY**
**2016-17**

# ସାମାଜିକ କ୍ଷେତ୍ର ବିକାଶରେ ପଞ୍ଚାୟତିରାଜ

ତୃଣମୂଳ ସ୍ତରରେ ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ୧୦ ହଜାରରୁ ଅଧିକ ଲୋକସଂଖ୍ୟା ଥିବା ଗ୍ରାମପଞ୍ଚାୟତର ପୁନର୍ଗଠନ କରାଯାଇ ୫୯୫ଟି ନୂଆ ଗ୍ରାମପଞ୍ଚାୟତ ଗଠନ କରାଯାଇଛି । ଏହି ପୁନର୍ଗଠନ ପରେ ରାଜ୍ୟରେ ମୋଟ ୬୮୦୧ଟି ଗ୍ରାମପଞ୍ଚାୟତରେ ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମିର ବିକାଶ, ଜୀବନଜୀବିକାର ଉନ୍ନତି ତଥା ମୌଳିକ ସେବା ପ୍ରଦାନ ଏବଂ ସର୍ବୋପରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ୨୦୧୭-୧୮ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବ୍ୟୟ ୫୨୬୯.୯୬ କୋଟି ଟଙ୍କା, କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ୧୭୨୫.୧୧ କୋଟି ଏବଂ ରାଜ୍ୟ ଅର୍ଥ କମିଶନ ଅନୁଦାନ ୧୬୨୮.୬୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଏଥିସହ ରାସ୍ତା, ପୋଲ, ଆବାସିକ ଓ ଅଣଆବାସିକ ବାସଗୃହ ଭଳି ସାମାଜିକ କ୍ଷେତ୍ରର ବିକାଶ ପାଇଁ ପ୍ରଶାସନିକ ବ୍ୟୟ ବାବଦରେ ୧୫୯.୧୦ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବ ରଖାଯାଇଛି ।

## ୨୦୧୬-୧୭ ଆର୍ଥିକ ବର୍ଷରେ ସଫଳତା

- ୧,୫୮,୭୦୩ଟି ଗ୍ରାମୀଣ ଗୃହ ନିର୍ମାଣ ସମ୍ପୂର୍ଣ୍ଣ
- ଗୃହ ନିର୍ମାଣ କ୍ଷେତ୍ରରେ ୧୫୦୧ କୋଟି ଟଙ୍କା ବ୍ୟୟ
- ୧୭୦୯ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରି ଦେଶରେ ପ୍ରଥମ
- ୬୪,୮୪୯ଟି ଗୋଷ୍ଠୀଙ୍କୁ ୮୨୮ କୋଟି ଟଙ୍କାର ବ୍ୟାଙ୍କ ଋଣ
- ଆର୍‌ଏସ୍‌ଇଟିଆଇ ଆନୁକୂଲ୍ୟରେ ୧୮୧୮୯ଜଣଙ୍କୁ (ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ) ତାଲିମ
- ଆମ୍ ଆଦମୀ ବୀମା ଯୋଜନାରେ ୧୧ଲକ୍ଷ ୮୭ହଜାର ୮୨୧ଜଣଙ୍କୁ ସାମିଲ
- ଗତ ଫେବୃଆରୀ ସୁଦ୍ଧା ୧୫୯୬.୬୦ କିମି କଂକ୍ରିଟ ରାସ୍ତା ନିର୍ମାଣ

### ଗ୍ରାମୀଣ ଗୃହ ନିର୍ମାଣ ଯୋଜନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ବିପିଜିୱାଇ (ଖଣି ଶ୍ରମିକ) ଓ ବିପିଜିୱାଇ (ନିର୍ମାଣ ଶ୍ରମିକ) ଆଦି ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୪,୯୩,୩୮୯ଟି ଘର ମଞ୍ଜୁରୀ ହୋଇଥିବା ବେଳେ ସେଥିରୁ ୧,୫୮,୭୦୩ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଶୀଘ୍ର ଘର ତିଆରି ସାରିବା ପାଇଁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି । ଏଥିପାଇଁ ୪ମାସରେ ୨୦ ହଜାର ଓ ୬ମାସରେ ଘର ତିଆରି ସାରିଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ମିଳୁଛି । ୨୦୧୬-୧୭ ଆର୍ଥିକ ବର୍ଷରେ ଗୃହ ନିର୍ମାଣ କ୍ଷେତ୍ରରେ ୧୫୦୧ କୋଟି ଟଙ୍କା ବ୍ୟୟ ହୋଇସାରିଛି ।

### ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)

ଏହି ଯୋଜନା ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ୮୦୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ କର୍ମ ନିଯୁକ୍ତି ପାଇଛନ୍ତି ୧୮ ଲକ୍ଷ ୪୬ ହଜାର ପରିବାର । ସେମାନଙ୍କ ମଧ୍ୟରୁ ୨୫,୮୧୫ ପରିବାରଙ୍କୁ ପୁରା ୧୦୦ ଦିନର କାର୍ଯ୍ୟ ମିଳିଥିବା ବେଳେ ରାଜ୍ୟରେ ମୋଟ ୨ଲକ୍ଷ ୪୪ ହଜାର ୧୬୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏଦିଗରେ ଏକ ପ୍ରମୁଖ ସଫଳତା ହେଲା, ୧୭୦୯ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ କରି ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ମନରେଗା ଯୋଜନାରେ କୃଷି ଏବଂ କୃଷି ଭିତ୍ତିକ କାର୍ଯ୍ୟରେ ଶତକଡ଼ା ୬୦ ଭାଗ ଖର୍ଚ୍ଚ ଲକ୍ଷ୍ୟ ରଖାଯାଇଥିବା ବେଳେ, ରାଜ୍ୟରେ ଏବାବଦରେ ଶତକଡ଼ା ୬୬ ଭାଗ ଖର୍ଚ୍ଚ କରାଯାଇଛି । ଏଥିସହ ୯୫୧୨ଟି ପୋଖରୀର ପୁନରୁଦ୍ଧାର ଓ ୬୧୩ଟି ଚେକ୍ ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ।

### ଓଡ଼ିଶା ଜୀବିକା ମିଶନ

ରାଜ୍ୟର ୩୦ଟି ଯାକ ଜିଲ୍ଲାର ୧୦୭ଟି ସଘନ ବ୍ଲକରେ ୩ଲକ୍ଷ ୨ହଜାର ୬୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟ କରୁଛି । ଧାର୍ଯ୍ୟ ଲକ୍ଷ୍ୟ ୭୫,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୮୬% ଅର୍ଥାତ୍ ୬୪,୮୪୯ଟି ଗୋଷ୍ଠୀ ୮୨୮ କୋଟି ଟଙ୍କାର ବ୍ୟାଙ୍କ ଋଣକୁ ବିନିଯୋଗ କରି ସେମାନଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି କରିପାରିଛନ୍ତି ।

ଏଥିସହ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ମାଧ୍ୟମରେ ୨୮,୭୭୯ (୯୬%)ବେକାର ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ୨୨,୫୯୮ଜଣ ସର୍ବନିମ୍ନ ମାସିକ ବେତନ ୬୦୦୦ଟଙ୍କା ହାରରେ କର୍ମସଂସ୍ଥାନ ପାଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ସେହିପରି ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରତିଷ୍ଠାନ (ଆର୍‌ଏସ୍‌ଇଟିଆଇ) ଆନୁକୂଲ୍ୟରେ ୧୮୧୮୯ଜଣଙ୍କୁ (ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ) ବିଭିନ୍ନ ବିଷୟରେ ତାଲିମ ଦିଆଯାଇଛି । ଆମ୍ ଆଦମୀ ବୀମା ଯୋଜନାରେ ମୋଟ ୧୧ଲକ୍ଷ ୮୭ହଜାର ୮୨୧ଜଣ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୮.୯୮ କୋଟି ଟଙ୍କା ଛାତ୍ର/ଛାତ୍ରୀ ବୃତ୍ତି ଓ ୨.୨୬ କୋଟି ଟଙ୍କା ମୃତ ବ୍ୟକ୍ତିଙ୍କ ବୀମା ରାଶି ଦିଆଯାଇଛି ।

### ଗୋପବନ୍ଧୁ ଗ୍ରାମୀଣ ଯୋଜନା

ଏହି ଯୋଜନାରେ ଚଳିତ ବର୍ଷ ଫେବୃଆରୀ ମାସ ସୁଦ୍ଧା ୧୫୯୬.୬୦ କିଲୋମିଟର ରାସ୍ତାକୁ କଂକ୍ରିଟ କରାଯାଇଛି । ବାକି ୪୦୩.୪୦ କିଲୋମିଟର ରାସ୍ତା ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

### କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ

ପଞ୍ଚାୟତିରାଜ ବିଭାଗ ୨୦୧୬-୧୭ ଆର୍ଥିକ ବର୍ଷରେ ପାଇଥିବା ମୋଟ ୧୩୨୩.୦୯ କୋଟି ଟଙ୍କାକୁ ରାଜ୍ୟର ସମସ୍ତ ପଞ୍ଚାୟତରେ ଲୋକସଂଖ୍ୟା ଅନୁପାତରେ ବଣ୍ଟନ କରାଯାଇଛି । ଏହି ଅର୍ଥକୁ ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ଦୂଷିତଜଳ ନିଷ୍କାସନ, ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣ, ନିଜସ୍ୱ ସମ୍ବଳ ବୃଦ୍ଧି, ରାସ୍ତା, ଚଲାପଥ ତଥା ଶ୍ମଶାନର ଉନ୍ନତିକରଣ ଆଦି କ୍ଷେତ୍ରରେ ବିନଯୋଗ କରାଯାଇଛି । ଗତ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ମୌଳିକ କାର୍ଯ୍ୟ ଗୁଡ଼ିକ ମଧ୍ୟରେ ୩୧୧୭ଟି ଶ୍ମଶାନ ଓ ୭୯୩୩ଟି ଗାଧୁଆ ଘାଟ ରହିଛି ।

ସେହିପରି ଚତୁର୍ଥ ଅର୍ଥ କମିଶନଙ୍କ ଅନୁଦାନ ବାବଦରେ ମିଳିଥିବା ୧୩୬୧.୨୭କୋଟି ଟଙ୍କା ବ୍ୟୟ କରାଯାଇ ୪୩୬ଟି କଲ୍ୟାଣ ମଣ୍ଡପ, ୩୨୬ଟି ମାର୍କେଟ କମ୍ପ୍ଲେକ୍ସ, ୩୫୨ଟି ଅଫିସ ଗୃହ ନିର୍ମାଣ କରାଯିବା ସହ ୫୫୯ଟି ପଞ୍ଚାୟତ ଗୃହର ନବୀକରଣ, ୧୬୬୪ଟି ରାସ୍ତା ମରାମତି କାର୍ଯ୍ୟ ହୋଇଛି ।

ପାନୀୟ ଜଳ ସଂକଟ ଦୂର କରିବାକୁ ପଞ୍ଚାୟତ ଗୁଡ଼ିକ ପାଇଥିବା ଡିଭଲ୍ୟୁସନ ଫଣ୍ଡରୁ ୩୦% ଖର୍ଚ୍ଚ କରିବା ପାଇଁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି । ଆଗାମୀ ବର୍ଷ ଗୁଡ଼ିକରେ ଗ୍ରାମ୍ୟ ଜଳ ଉତ୍ସ ଗୁଡ଼ିକର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିସହ ପ୍ରତ୍ୟେକ ପଞ୍ଚାୟତରେ ଖେଳ ପଡ଼ିଆ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକର ପାଇଖାନା ଓ ପାନୀୟ ଜଳ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି ।

## ଦକ୍ଷତା ବିକାଶ ଏବଂ କର୍ମନିଯୁକ୍ତି ଯୋଜନା

# ଓଡ଼ିଶା କ୍ରମାଗତ ତୃତୀୟ ଥର ପ୍ରଥମ



ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା (ଡିଡିୟୁ-ଜିକେୱାଇ) ମାଧ୍ୟମରେ ବେକାର ଯୁବକଯୁବତୀଙ୍କ ଦକ୍ଷତା ବିକାଶ ଓ କର୍ମନିଯୁକ୍ତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି । ସରକାରଙ୍କ ଏହି ନିଷ୍ଠାପର ପ୍ରୟାସ ଏବଂ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଯୋଗୁଁ ଦୀର୍ଘ ୩ ବର୍ଷ ଧରି ଆମ ରାଜ୍ୟ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛି ।

ଗ୍ରାମାଞ୍ଚଳର ଗରିବ ବେକାର ଯୁବକଯୁବତୀଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କ କର୍ମନିଯୁକ୍ତି ନିମନ୍ତେ ଡିଡିୟୁ-ଜିକେୱାଇ ବେଶ ସହାୟକ ହୋଇଛି । ଓଡ଼ିଶାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୨୦୧୪ ମସିହା ଏପ୍ରିଲ ମାସଠାରୁ ଏହି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧିନସ୍ଥ ଓରମାସ ସହ ଚୁକ୍ତିବଦ୍ଧ ୭୨ଟି ସଂସ୍ଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବେକାର ଯୁବ ବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେଉଛନ୍ତି । ଏହାର ସୁଯୋଗ ନେଇ ସେମାନେ ରାଜ୍ୟ ଓ ରାଜ୍ୟ ବାହାରେ ନିଯୁକ୍ତି ପାଉଛନ୍ତି ।

ଗ୍ରାମାଞ୍ଚଳର ଗରିବ ବେକାରଙ୍କୁ ରୋଜଗାରକ୍ଷମ କରିବା ସହ ରାଜ୍ୟର ଅର୍ଥନୈତିକ ମୁଖ୍ୟସ୍ରୋତରେ ସାମିଲ କରିଛନ୍ତି । ଶିଳ୍ପଜଗତର ଚାହିଦା ମୁତାବକ ଦକ୍ଷତା ବୃଦ୍ଧିକରି ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ ।

ରାଜ୍ୟ ସରକାରଙ୍କ ସଫଳତା -

- ବିଗତ ୩ ବର୍ଷ ଧରି ଏହି ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛି । ରାଜ୍ୟ ସରକାରଙ୍କ ଦ୍ୱାରା ଆଦୃତ ପ୍ରକଳ୍ପ ପରିଚାଳନା ପଦ୍ଧତିଗୁଡ଼ିକ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଶଂସିତ ହୋଇଛି । ଏହି କାର୍ଯ୍ୟଧାରା ଅନୁସରଣ କରିବା ପାଇଁ ଭାରତ ସରକାର ଅନ୍ୟ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
- ପଞ୍ଚାୟତିରାଜ ବିଭାଗ ସହିତ Australia Education Council, National Skill Development Council (NSDC) ଏବଂ Common Wealth Education Medial Center for Asia ର ସହଭାଗିତାରେ ତାଲିମଦାତାମାନଙ୍କୁ ପ୍ରଶିକ୍ଷିତ କରିବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏହି ଯୋଜାନରେ ଓଡ଼ିଶାର ୯ଜଣ ତାଲିମଦାତାଙ୍କୁ ଅନ୍ତର୍ଜାତୀୟସ୍ତରର ସ୍ୱୀକୃତି ପ୍ରଦାନ କରାଯାଇଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ Europe India Foundation Excellence (EIFE) ତରଫରୁ ପ୍ୟାରିସ ଠାରେ ଆୟୋଜିତ ଏକ ସମାରୋହରେ ଗ୍ରାମୀଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଛି ।
- ଭଲ କାମ କରୁଥିବା ତାଲିମ ପ୍ରଦାନକାରୀ ସଂସ୍ଥାମାନଙ୍କୁ ଉତ୍ସାହିତ କରିବା ସକାଶେ ପ୍ରଥମଥର ପାଇଁ rating & grading ପଦ୍ଧତି ଗ୍ରହଣ କରାଯାଇଛି ।
- ରାଜ୍ୟ ବାହାରେ ନିଯୁକ୍ତି ପାଉଥିବା ପିଲାମାନଙ୍କର ସମସ୍ତ ଆନୁସଙ୍ଗିକ ସହାୟତା ପାଇଁ migration support centre ଦିଲ୍ଲୀ ଓ ବେଙ୍ଗାଲୁରୁଠାରେ ଆଇନ ସହାୟତା, ଆର୍ଥିକ ଜ୍ଞାନାଲୋକ, ବୀମାଭୁକ୍ତିକରଣ, ସାଧାରଣ ଆବାସ ଏବଂ ଖାଦ୍ୟପେୟର ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ।







ଡିଡିୟୁ-ଜିକେୱାଇ ଯୋଜନାର ବିଭିନ୍ନ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ । କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

# କର୍ମନିଯୁକ୍ତି ଓ ସାମାଜିକ ସୁରକ୍ଷାରେ ମନରେଗା

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍-୨୦୦୫ରେ ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ପରିବାରକୁ ୧୦୦ ଦିନର କାମ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ଲୋକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହିତ ନିଶ୍ଚିତ କର୍ମ ଯୋଗାଣ ବ୍ୟବସ୍ଥା ହେଲା ଏହି ଆଇନ୍ ପ୍ରଣୟନର ମୁଖ୍ୟ ଉଦ୍ଦେଶ୍ୟ । ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଓ ମହିଳା ସଶକ୍ତିକରଣରେ ମନରେଗା ସଂପ୍ରତି ଅଗ୍ରଣୀ ଭୂମିକା ନେଇଛି । ଏହି ଯୋଜନା ପ୍ରଥମେ ୨୦୦୬ ମସିହାରେ ଓଡିଶାର ୧୯ଟି ଜିଲ୍ଲାରେ ଆରମ୍ଭ ହୋଇଥିଲା । ଓଡିଶାର ୩୦ଟି ଯାକ ଜିଲ୍ଲାରେ ୨୦୦୮ ଏପ୍ରିଲ ପହିଲାରୁ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ୨୦୧୬-୧୭ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି, ଜନଜାତି, ମହିଳାଙ୍କ ସମେତ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ମନରେଗା ମାଧ୍ୟମରେ କାମ ପାଇବା ସହ ଉପାର୍ଜନକ୍ଷମ ହୋଇପାରିଛନ୍ତି । ଏତଦ୍‌ବ୍ୟତୀତ ଅଙ୍ଗନବାଡି ନିର୍ମାଣ, କୃଷି ପୋଖରୀ ଖନନ, ବନୀକରଣ, ପ୍ରାକୃତିକ ସମ୍ବଳ ପରିଚାଳନା, କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ମନରେଗା ଯୋଜନାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ।

୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨୪୫୯.୨୦ କୋଟି ଟଙ୍କାର ଶ୍ରମ ବଜେଟ୍ ଅନୁମୋଦନ କରିଛନ୍ତି । ୧୭.୭୮ ଲକ୍ଷ ପରିବାର ପାଇଁ କର୍ମନିଯୁକ୍ତି ସୁଯୋଗ ସଙ୍ଗେସଙ୍ଗେ ୮ କୋଟି ଶ୍ରମଦିବସ ସୃଷ୍ଟିର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ଫେବୃୟାରୀ ୨୧ ସୁଦ୍ଧା ୬୧୫.୧୨ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇପାରିଛି ।

ମନରେଗା ପାଇଁ ସମୁଦାୟ ବ୍ୟୟ ଅଟକଳ ୨୦୨୬.୭୩ କୋଟି ଟଙ୍କା ହୋଇଥିବାବେଳେ ୨୦୧୭ ଫେବୃୟାରୀ ୨୧ ସୁଦ୍ଧା ୧୯୨୩.୦୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ରେଜେଷ୍ଟ୍ରିଭୁକ୍ତ ୬୪.୬୮ ଲକ୍ଷ ପରିବାର ମଧ୍ୟରୁ ୬୪.୧୩ ଲକ୍ଷ ପରିବାରକୁ ଜବକାର୍ଡ ପ୍ରଦାନ କରାଯାଇଛି । କାମପାଇଁ ଆବେଦନ କରିଥିବା ୨୧.୩୧ ଲକ୍ଷ ପରିବାର ମଧ୍ୟରୁ ୧୭.୬୩ ଲକ୍ଷ ପରିବାରକୁ କର୍ମନିଯୁକ୍ତି ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ମୋଟ ୬୧୫.୧୨ ଲକ୍ଷ ଶ୍ରମଦିବସ ମଧ୍ୟରୁ ମହିଳାମାନଙ୍କ ଦ୍ୱାରା ୨୪୨.୭୨ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଛି, ଯାହାକି ମୋଟ ଶ୍ରମଦିବସର ୩୯ ପ୍ରତିଶତ । ଅନୁସୂଚିତ ଜାତି ଓ ଜନଜାତିଙ୍କ ଦ୍ୱାରା ଯଥାକ୍ରମେ ୯୯.୮୪ ଲକ୍ଷ ଏବଂ ୨୨୫.୯୮ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଛି । ମହାତ୍ମା ଗାନ୍ଧି ନରେଗା ଯୋଜନାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହଭାଗିତାରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯାଉଛି । ନିର୍ମାଣ କାର୍ଯ୍ୟ ପାଇଁ ମହାତ୍ମା ଗାନ୍ଧି ନରେଗାରେ ୫ ଲକ୍ଷ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିକାଶ ବିଭାଗ ତରଫରୁ ୨ ଲକ୍ଷ ଟଙ୍କା ପ୍ରଦାନର ବ୍ୟବସ୍ଥା ହୋଇଛି । ଚଳିତ ବର୍ଷ ୨୧ ତାରିଖ ସୁଦ୍ଧା ୧୫୭୧ଟି ଅଙ୍ଗନବାଡି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୫ ଲକ୍ଷ ୮୯ ହଜାର ୯୪୨ ପ୍ରକଳ୍ପ ମଧ୍ୟରୁ ୨ ଲକ୍ଷ ୨୯ ହଜାର ୨୪୯ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ।



**୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨୪୫୯.୨୦ କୋଟି ଟଙ୍କାର ଶ୍ରମ ବଜେଟ୍ ଅନୁମୋଦନ କରିଛନ୍ତି । ୧୭.୭୮ ଲକ୍ଷ ପରିବାର ପାଇଁ କର୍ମନିଯୁକ୍ତି ସୁଯୋଗ ସଙ୍ଗେସଙ୍ଗେ ୮ କୋଟି ଶ୍ରମଦିବସ ସୃଷ୍ଟିର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ଫେବୃୟାରୀ ୨୧ ସୁଦ୍ଧା ୬୧୫.୧୨ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇପାରିଛି ।**

**Ne-FMS ମାଧ୍ୟମରେ ୨୦୧୬ ଏପ୍ରିଲ ପହିଲାରୁ ମଜୁରୀ ବାବଦ ଅର୍ଥ ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି । ଶ୍ରମ ଦିବସ ଅଟକଳ ଓ ପ୍ରକଳ୍ପ ଖସଡା ଲୋକଙ୍କ ସହଭାଗିତାରେ ପ୍ରସ୍ତୁତ ହୋଇଛି । ୪୯ ଲକ୍ଷ ୩୦ ହଜାର ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୩୫ ଲକ୍ଷ ୪୯ ହଜାର ଶ୍ରମିକଙ୍କୁ ଆଧାର କାର୍ଡ ଯୋଗାଇଦେବାର ବ୍ୟବସ୍ଥା ହୋଇଛି**

କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟରେ ଶତକଡା ୬୦ ପ୍ରତିଶତ ଖର୍ଚ୍ଚ ଲକ୍ଷ୍ୟ ରଖାଯାଇଥିବାବେଳେ ଶତକଡା ୬୮ ପ୍ରତିଶତ ଖର୍ଚ୍ଚ ହୋଇଛି । ଅନୁରୂପ ଭାବେ ପ୍ରାକୃତିକ ସମ୍ବଳ ପରିଚାଳନାରେ ୬୦ ପ୍ରତିଶତ ଖର୍ଚ୍ଚର ଲକ୍ଷ୍ୟ ରହିଥିବାବେଳେ ଖର୍ଚ୍ଚର ପରିମାଣ ଆଉ ୩ ପ୍ରତିଶତ ବୃଦ୍ଧି ପାଇଛି । ମନରେଗାରେ ୨୦ ହଜାର ୩୪୦ କୃଷି ପୋଖରୀ ଖନନର ଲକ୍ଷ୍ୟ ରଖାଯାଇଥିବାବେଳେ ଏଯାବତ୍ ୧୨ ହଜାର ୧୫ଟି କୃଷି ପୋଖରୀ ଖନନ ହୋଇପାରିଛି । ଫେବୃୟାରୀ ୨୧ ସୁଦ୍ଧା ୮୯୭୩ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ଯୋଜନାରେ ରାସ୍ତା ପାର୍ଶ୍ୱ ବନୀକରଣ ୪୦୦୦ ରୁଟ କିଲୋମିଟର ଲକ୍ଷ୍ୟ ରଖାଯାଇଥିବାବେଳେ ୪୯୮୮ ରୁଟ କିଲୋମିଟର ବନୀକରଣ କରାଯାଇଛି । ୫୪ ହଜାର ୭୮୧ ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀଙ୍କୁ ମନରେଗା ଯୋଜନା ମାଧ୍ୟମରେ ଆଇଏପି ଓ ଅଣ ଆଇଏପି ଜିଲ୍ଲା ମାନଙ୍କରେ ଯଥାକ୍ରମେ ୯୫ ଓ ୯୦ ଦିନର ଅଣକୁଶଳୀ ମଜୁରୀ ପ୍ରଦାନ କରାଯାଇଛି ।

୨୦୧୬-୧୭ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧି ନରେଗା ଯୋଜନାରେ କେତେକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି । Ne-FMS ମାଧ୍ୟମରେ ୨୦୧୬ ଏପ୍ରିଲ ପହିଲାରୁ ମଜୁରୀ ବାବଦ ଅର୍ଥ ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି । ଶ୍ରମ ଦିବସ ଅଟକଳ ଓ ପ୍ରକଳ୍ପ ଖସଡା ଲୋକଙ୍କ ସହଭାଗିତାରେ ପ୍ରସ୍ତୁତ ହୋଇଛି । ୪୯ ଲକ୍ଷ ୩୦ ହଜାର ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୩୫ ଲକ୍ଷ ୪୯ ହଜାର ଶ୍ରମିକଙ୍କୁ ଆଧାର କାର୍ଡ ଯୋଗାଇଦେବାର ବ୍ୟବସ୍ଥା ହୋଇଛି । ଗତ ବର୍ଷ ଫେବୃୟାରୀ ମାସରୁ ଜୁଲାଇ ମାସ ମଧ୍ୟରେ ବିଭିନ୍ନ ସ୍କୁଲ, ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ତଥା ଗ୍ରାମପଞ୍ଚାୟତ ପରିସରରେ ୬ ଲକ୍ଷ ୧୫ ହଜାର ଚାରା ରୋପଣ କରାଯାଇଛି । ୧ ଲକ୍ଷ ୪୮ ହଜାର ୮୨ ପ୍ରକଳ୍ପକୁ ଜିଓ ଟାଗିଂ କରାଯାଇଛି ।

ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ଓଡିଆରେ ଅନୁବାଦ ହୋଇଥିବା ମାଷ୍ଟର ସର୍କୁଲାର ପ୍ରଦାନର ବ୍ୟବସ୍ଥା ହୋଇଛି । ବୈଷୟିକ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ୩୨୦ ଜଣ ଡିଟିଆରଟି ଓ ୨୬୩୯ ଜଣ ବିଟିଆରଟିଙ୍କୁ ସାମର୍ଥ୍ୟ ପ୍ରଶିକ୍ଷଣ ଦିଆଯାଇଛି । ସାମାଜିକ ସମୀକ୍ଷା ନିର୍ଦ୍ଦେଶାଳୟକୁ ଅଧିକ ସକ୍ରିୟ କରିବା ପାଇଁ ୬ ଜଣ ସାମାଜିକ ସମୀକ୍ଷା ଅଧିକାରୀ ଓ ୩୨ ଜଣ ଜିଲ୍ଲା ସାମାଜିକ ସମୀକ୍ଷକ ନିଯୁକ୍ତ ହୋଇଛନ୍ତି । ସେମାନଙ୍କୁ ସାମାଜିକ ସମୀକ୍ଷା ଉପରେ ୧ ମାସ ତାଲିମ ପ୍ରଦାନ କରାଯାଇଛି ।

# ରାଜ୍ୟ ବଜେଟ୍‌ରେ ସାମାଜିକ କ୍ଷେତ୍ରକୁ ଗୁରୁତ୍ୱ



**କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ତିନିଟିଯାକ କ୍ଷେତ୍ରର ବିକାଶ ହେଲେ ହିଁ ଦେଶର ସାମଗ୍ରିକ ବିକାଶ ସମ୍ଭବପର ।**

ଅମର୍ତ୍ତ୍ୟ ସେନ,
ନୋବେଲ ବିଜେତା
ବିଶିଷ୍ଟ ଅର୍ଥନୀତିଜ୍ଞ

ଚଳିତ ବର୍ଷର ରାଜ୍ୟ ବଜେଟ୍‌ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ସାମାଜିକ କ୍ଷେତ୍ର ପ୍ରତି ଉଚିତ ଧ୍ୟାନ ଦିଆଯାଇଥିବାରୁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି । ଏଥିସହ ଦକ୍ଷତା ବିକାଶ, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଛି । ସମାଜର ସବୁ ବର୍ଗର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ବ୍ୟୟବରାଦ ବୃଦ୍ଧି ସହ ନୂଆ ଯୋଜନା ମଧ୍ୟ ହାତକୁ ନିଆଯାଇଛି ।

ରାଜ୍ୟ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ୧ ଲକ୍ଷ ୬ ହଜାର ୯୧୦ କୋଟି ୮୭ ଲକ୍ଷ ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ପୂର୍ବ ବର୍ଷ ତୁଳନାରେ ୧୩.୭ ପ୍ରତିଶତ ଅଧିକ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ କରିଥିବା ଶ୍ରୀକ୍ଷେତ୍ର ବା ପୁରୀ ସହରକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ସମ୍ପନ୍ନ ନଗରୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶ, ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବାଲୁକା ଶିଳ୍ପ ସଂଗ୍ରହାଳୟ ପ୍ରତିଷ୍ଠା ଓ **ଅବଢା** ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିଲାଗି ୧୦୦ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା ହୋଇଛି ।

ଚଳିତ ବର୍ଷ ଉପସ୍ଥାପିତ ହୋଇଥିବା ବଜେଟ୍‌ରେ ଗଙ୍ଗାଧର ମେହେର **ଶିକ୍ଷାମାନକ** ବୃଦ୍ଧି ଯୋଜନା ପାଇଁ ୧୮୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ମୁତାବକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ବିନା ପଇସାରେ ସ୍କୁଲ ବ୍ୟାଗ ଓ ଉପକରଣ ଯୋଗାଇ ଦିଆଯିବ । ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ମାଗଣାରେ ୟୁନିଫର୍ମ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ସଂସ୍କୃତ ଟୋଲ ଓ ମଦ୍ରାସାରେ ଏକାଦଶ ଶ୍ରେଣୀରେ ପଢୁଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ସାଇକେଲ ଯୋଗାଇଦେବାର ପ୍ରସ୍ତାବ ରହିଛି । ଅଙ୍ଗନବାଡିରେ ଶିକ୍ଷା ଗ୍ରହଣ କରୁଥିବା ଶିଶୁଙ୍କ ନିମନ୍ତେ **ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ** ନାମରେ ଏକ ଯୋଜନା ପ୍ରସ୍ତୁତ ହୋଇଛି । ଏହା ବ୍ୟତୀତ ରାଜ୍ୟସ୍ତରୀୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତାଲିମ ଏବଂ ପ୍ରଶିକ୍ଷଣ ସଂସ୍ଥା ପାଇଁ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ନିମନ୍ତେ ମଧ୍ୟ ଚଳିତ ବଜେଟ୍‌ରେ ଅତିରିକ୍ତ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସମ୍ ହସ୍ପିଟାଲ୍ ଅଗ୍ନିକାଣ୍ଡ ପରେ ସ୍ୱାସ୍ଥ୍ୟ ଅନୁଷ୍ଠାନର ଅଗ୍ନି ନିରୋଧକ ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । ପରିମଳ ଓ ଅଗ୍ନି ନିରୋଧକ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ୩୪୫ କୋଟି ଅଟକଳ ହୋଇଛି । ନୂତନ ମେଡିକାଲ କଲେଜ୍ ପ୍ରତିଷ୍ଠା ପାଇଁ ୪୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ୬୦ଟି ମଡେଲ୍ ସ୍କୁଲ ପ୍ରତିଷ୍ଠା ପାଇଁ ୨୦୦ କୋଟି ଟଙ୍କା ଅଟକଳ କରାଯାଇଛି । ଯୁକ୍ତ ଦୁଇରେ ପଢୁଥିବା ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ଯୋଗାଣ ପାଇଁ ୩୪ କୋଟି ଟଙ୍କା ଅର୍ଥ ମଂଜୁର କରାଯିବାର ପ୍ରସ୍ତାବ ରହିଛି । ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଓ ଷ୍ଟାଇପେଣ୍ଡ ବାବଦରେ କେନ୍ଦ୍ର ସରକାର ୨୯୩ କୋଟି ଟଙ୍କା ଯୋଗାଇଥାନ୍ତି । ରାଜ୍ୟ ସରକାର ଏ ବାବଦରେ ଅତିରିକ୍ତ ୬୬୬ କୋଟି ଟଙ୍କା ଯୋଗାଇଦେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି । ବୈଷୟିକ ଶିକ୍ଷା ପାଇଁ ୮୩ କୋଟି ଏବଂ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ରାଜ୍ୟ ଅଂଶ ବାବଦରେ ୧୮୦ କୋଟି ଟଙ୍କା ଅଟକଳ କରାଯାଇଛି । ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ନିମନ୍ତେ ୧୮୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।

ରାଜ୍ୟରେ ବେକାର ସମସ୍ୟା ସମାଧାନ ପାଇଁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିଛନ୍ତି ସରକାର । ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ସର୍ବାଧିକ ୧୮ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ବୈଷୟିକ ଶିକ୍ଷାନୁଷ୍ଠାନ, ପଲିଟେକନିକ ଓ ଆଇଟିଆଇ ଏବଂ ରାଜ୍ୟ ଆତ୍ମନିଯୁକ୍ତି ମିଶନ ପାଇଁ ଯଥାକ୍ରମେ ୨୬୯ ଓ ୫୦ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି । ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ **'ସ୍କିଲ୍ଡ ଇନ୍ ଓଡିଶା'** ଯୋଜନା ମାଧ୍ୟମରେ ଏସୀୟ ବ୍ୟାଙ୍କ ସହାୟତାରେ ୧୦୦ କୋଟି ଟଙ୍କା ବ୍ୟୟ କରାଯିବ । ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସହରାଞ୍ଚଳରେ ଛାତ୍ରାବାସ ନିର୍ମାଣ ନିମନ୍ତେ **ଆକାଂକ୍ଷା** ଯୋଜନା ପାଇଁ ୧୮୨ କୋଟି ଟଙ୍କା ବରାଦ ହୋଇଛି ।

ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ନିମନ୍ତେ ପୁଞ୍ଜି ନିବେଶ, ଗ୍ରାମାଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା ସାଙ୍ଗକୁ ଗରିବ ଲୋକଙ୍କ ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ସର୍ବାଧିକ ୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ଯୋଜନା ମାଧ୍ୟମରେ ଯୋଗାଇଦିଆଯିବ । ଏଥିଲାଗି ବଜେଟ୍‌ରେ ୩୪୫ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ।

ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ୬୦ ବର୍ଷ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବୁଣାକାରଙ୍କୁ ଯଥାକ୍ରମେ ୫୦୦ ଓ ୮୦୦ ଟଙ୍କାର ମାସିକ ଭତ୍ତା ସରକାର ଦେବେ । ଗ୍ରାମ୍ୟ ସଂଯୋଗୀକରଣକୁ ସରକାର ଗୁରୁତ୍ୱ ଦେଇଛନ୍ତି । ବିଚ୍ଛିନ୍ନ ଗ୍ରାମର ସଂଯୋଗୀକରଣ ପାଇଁ ବଜେଟ୍‌ରେ ୫୦ କୋଟି ଟଙ୍କା ବରାଦ ହୋଇଛି । ୧୭ ଟି ମାଓ ପ୍ରଭାବିତ ଜିଲ୍ଲାର ୧୪୨ଟି ଅଗମ୍ୟ ଗ୍ରାମ ମଧ୍ୟରେ ସଂଯୋଗ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ୯୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

୭୦ କୋଟି ଟଙ୍କା ବ୍ୟୟରେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦିଆଯିବ ।

ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳ ଯୋଗାଣ **(ବସୁଧା)** ପ୍ରଚଳନ ପାଇଁ ବଜେଟ୍‌ରେ ବ୍ୟୟବରାଦ ହୋଇଛି । ଏହି ଯୋଜନା ଅନୁଯାୟୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଯଥାକ୍ରମେ ୭୫୦ ଓ ୩୧୫ କୋଟି ଖର୍ଚ୍ଚ ହେବାର ପ୍ରସ୍ତାବ ରହିଛି ।

ନଗରାଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ **ଉନ୍ନତି** ନାମରେ ଏକ ଯୋଜନା ପ୍ରଣୟନ କରାଯାଇଛି । ଏ ଯୋଜନାରେ ରାସ୍ତା ଓ ନଗରବାସୀଙ୍କ ସୁବିଧା ସକାଶେ ୨୯୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣନିଶ୍ଚିତକର୍ମ ନିଯୁକ୍ତି ଯୋଜନାରେ କେନ୍ଦ୍ର ସରକାରଙ୍କ ପାଣ୍ଠି ପ୍ରଦାନରେ ବିଳମ୍ୱ ହେଲେ ମଧ୍ୟ ଶ୍ରମିକଙ୍କୁ ଠିକଣା ସମୟରେ ମଜୁରୀ ଯୋଗାଇଦେବା ପାଇଁ ରାଜ୍ୟ ସରକାର ୩୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିବେ । ୨୦୧୯ ସୁଦ୍ଧା ଗ୍ରାମାଞ୍ଚଳର ୧୫ ଲକ୍ଷ ପରିବାରକୁ ପକ୍କା ଘର ଯୋଗାଇଦେବାର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

## ୬ଟି ନୂଆ ଯୋଜନା

- ପୁରୀର ସାମଗ୍ରିକ ବିକାଶ ପାଇଁ **ଅବଢା ଯୋଜନା**
- ଶିକ୍ଷା ବଞ୍ଚିତଙ୍କ ପାଇଁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ
- ଗରିବଙ୍କ ଚିକିତ୍ସା ନିମନ୍ତେ **ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ**
- ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମନ୍ତେ ବକ୍ସି ଜଗବନ୍ଧୁଙ୍କ ସ୍ମୃତିରେ **ବସୁଧା**
- ଅଙ୍ଗନବାଡି ଶିଶୁଙ୍କ ପୋଷାକ ପାଇଁ **ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା**
- ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ

## କେଉଁ ଯୋଜନା ପାଇଁ କେତେ

| | |
|---|---|
| [illegible] | [illegible] |



## କୃଷି ବ୍ୟୟବରାଦ ଶତପ୍ରତିଶତ ବୃଦ୍ଧି

୨୦୧୭-୧୮, ସ୍ୱତନ୍ତ୍ର କୃଷି ବଜେଟ୍ କୃଷକଙ୍କ ନିମନ୍ତେ ସୁଖବର ଆଣିଛି । ପୂର୍ବ ବର୍ଷ ତୁଳନାରେ ବ୍ୟୟ ଅଟକଳ ଶତ ପ୍ରତିଶତ ବୃଦ୍ଧି ପାଇଛି । ୧୪,୯୩୦ କୋଟି ଟଙ୍କା ବ୍ୟୟ ଅଟକଳରେ କୃଷକ କଲ୍ୟାଣ ଯୋଜନା, ଜଳନିଧି ଯୋଜନା, ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ ହୋଇଛି । ୧୦ ଲକ୍ଷ ହେକ୍ଟର ଜମି ପାଇଁ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇଦେବା ସାଙ୍ଗକୁ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧୫୪୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ୪୦୦୦ ଆଡିବନ୍ଧ ନିର୍ମାଣ ପାଇଁ ୫୫୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ବିଜୁ କୃଷକ ବିକାଶ ଯୋଜନା ପାଇଁ ୬୨୦ କୋଟି ଏବଂ ଜଳନିଧି ଯୋଜନା ନିମନ୍ତେ ୧୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ଗତ ବର୍ଷ ତୁଳନାରେ ବ୍ୟୟବରାଦ ବୃଦ୍ଧି ପାଇଛି । ୨୦୧୬-୧୭ ଆର୍ଥିକ ବର୍ଷରେ ଏଥିଲାଗି ୭୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଚଳିତ ବର୍ଷ ଏହା ଆଶାତୀତ ଭାବେ ବୃଦ୍ଧି ପାଇ ୯୨୦୦ କୋଟି ଟଙ୍କାରେ ପହଞ୍ଚିଛି । ଗୁଣାତ୍ମକ ମତ୍ସ୍ୟ ଉତ୍ପାଦନ ଓ ବଜାର ସୁବିଧାକୁ ଦୃଷ୍ଟିରେ ରଖି ମେକ୍ ଇନ୍ ଓଡିଶା କନକ୍ଲେଭରେ ଘରୋଇ ପୁଞ୍ଜି ନିବେଶ ପାଇଁ ୧୯୪୦ କୋଟି ଟଙ୍କାରେ ୧୪ଟି କମ୍ପାନୀ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି । ମତ୍ସ୍ୟଜୀବୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୨୨ କୋଟି ଏବଂ ସମୁଦ୍ରରେ ମାଛଧରା ସମୟରେ ପ୍ରାଣ ହରାଉଥିବା ମତ୍ସ୍ୟଚାଷୀଙ୍କ ପରିବାର ପ୍ରତିପୋଷଣ ପାଇଁ ୧ କୋଟି ବ୍ୟୟବରାଦ ହୋଇଛି । ପଶୁ ସମ୍ପଦର ବିକାଶ ପାଇଁ ମୋବାଇଲ ଫୋନ୍ ଜରିଆରେ ପରାମର୍ଶ ଦେବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ପଶୁ ଚିକିତ୍ସା ସେବାକୁ ସୁଦୂରପ୍ରସାରୀ କରିବା ଉଦ୍ଦେଶ୍ୟରେ ସମସ୍ତ ବ୍ଲକକୁ ମାସରେ ୨୦ ଦିନ ଭ୍ରାମମାଣ୍ୟ ପଶୁ ଚିକିତ୍ସା କେନ୍ଦ୍ର ସୁବିଧା ଉପଲବ୍ଧ କରାଯିବ । କୃଷି ବିକାଶ ଯୋଜନା ଏବଂ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୭୦୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । କୃଷି ବିକାଶ ଯୋଜନାରେ କନ୍ଧମାଳ ଓ କୋରାପୁଟରେ ୬୪୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଜୈବିକ ଚାଷ ବ୍ୟବସ୍ଥିତ ଢଙ୍ଗରେ ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର ।




# ପ୍ରତିନିଧିଙ୍କ କ୍ଷମତା ଓ ଦାୟିତ୍ୱ

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ଏଥିମଧ୍ୟରେ ଶେଷ ହୋଇଯାଇଛି । ନବନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ପୁରୁଖା ଅଭିଜ୍ଞ ବ୍ୟକ୍ତିଙ୍କ ସହ କିଛି ନୂଆ ପିଢ଼ିର ଅନଭିଜ୍ଞ ମଧ୍ୟ ଅଛନ୍ତି । ସେମାନେ ଦାୟିତ୍ୱ ଗ୍ରହଣ କରି ନିଜ ଅଞ୍ଚଳ ପାଇଁ କାର୍ଯ୍ୟାରମ୍ଭ କରିବା ପୂର୍ବରୁ ନିଜର କ୍ଷମତା ପରିସର ସମ୍ପର୍କରେ ସଚେତନ ହେବା ଜରୁରୀ । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ପଞ୍ଚାୟତିରାଜ ବ୍ୟବସ୍ଥାର ପୃଷ୍ଠଭୂମି ସମ୍ପର୍କରେ କିଛି ତଥ୍ୟ ଏଠାରେ ଅବତାରଣା କରୁଛୁ । ବହୁ ପୁରାତନ କାଳରୁ ଆମ ଦେଶରେ ଗ୍ରାମର ବୟୋଜ୍ୟେଷ୍ଠ ଲୋକଙ୍କୁ ନେଇ ଗଠିତ କମିଟି ନ୍ୟାୟ ନିଷ୍ପତ୍ତି କରିବା ସାଙ୍ଗକୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତୁଲାଉଥିଲା । ସେମାନଙ୍କୁ ନ୍ୟାୟପଞ୍ଚ ବା ପଞ୍ଚ ପରମେଶ୍ୱର କୁହାଯାଉଥିଲା । ଏହି ପଞ୍ଚାୟତ ଶବ୍ଦଟି ଆମ ଚଳଣିରେ ଥିବା ପଞ୍ଚ ପରମେଶ୍ୱରରୁ ଆସିଛି । ଗ୍ରାମ୍ୟ ଜୀବନକୁ ସରସ ସୁନ୍ଦର କରିବା ପାଇଁ ପଞ୍ଚ ପରମେଶ୍ୱରଙ୍କୁ ସର୍ବମାନ୍ୟ ଅନୁଷ୍ଠାନର ମାନ୍ୟତା ମିଳିଥିଲା । ପରିବର୍ତ୍ତିତ ପରିସ୍ଥିତିରେ ବ୍ୟବସ୍ଥା ବଦଳିଛି । ପରାଧିନ ଭାରତରେ ବ୍ରିଟିଶ୍ ସରକାର ଗାଁ ଗହଳର ଲୋକଙ୍କୁ ସ୍ୱୟଂଶାସନର କ୍ଷମତା ଦେବାପାଇଁ ଆଇନଗତ ମାନ୍ୟତା ଦେଇଥିଲେ । ତେବେ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ଗ୍ରାମସ୍ୱରାଜ ପରିକଳ୍ପନାକୁ ସାକାର କରିବା ପାଇଁ ସ୍ୱାଧିନ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତିତ ହେଲା । ଆମ ଓଡ଼ିଶାରେ ପ୍ରଥମେ ଏହି ଆଇନ ପ୍ରଣୀତ ହେଲା ୧୯୪୮ରେ । ୧୯୫୯ରେ ଓଡ଼ିଶା ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଆଇନ ମଧ୍ୟ ପ୍ରଣୟନ କରାଗଲା । ୧୯୬୧ରେ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଆଇନଏବଂ ୧୯୬୪ରେ ଗ୍ରାମପଞ୍ଚାୟତ ଆଇନ ସଂଶୋଧିତ ହୋଇଥିଲା । ଏହା ପରେ ସମ୍ବିଧାନର ୭୩ତମ ସଂଶୋଧନ ମାଧ୍ୟମରେ ସମଗ୍ର ଦେଶର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ଷମତାପନ୍ନ କରାଗଲା । ୧୯୯୩ ଏପ୍ରିଲ ୨୪ ତାରିଖରୁ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକୁ ସ୍ୱୟଂଶାସନ କ୍ଷମତା ଓ ଦାୟିତ୍ୱ ଅର୍ପଣ କରାଗଲା । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ସହାୟିକା ପୁସ୍ତିକାରୁ ଉଦ୍ଧାର କରି ପଞ୍ଚାୟତ ପ୍ରତିନିଧିଙ୍କ ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଲୋକପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଏଠାରେ ଉପସ୍ଥାପନା କରୁଛୁ କିଛି ଜାଣିବା କଥା ।

| | ଜନ ପ୍ରତିନିଧି | ସରକାରୀ କର୍ମକର୍ତ୍ତା |
|---|---|---|
| ଜିଲ୍ଲା ପରିଷଦ<br>ତୃତୀୟ ସ୍ତର | ସଭାପତି, ଉପସଭାପତି, ଜିଲ୍ଲା ପରିଷଦ, ସଭ୍ୟ/ସଭ୍ୟା | ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର, ଅଫିସ ସହକାରୀ |
| ପଞ୍ଚାୟତ ସମିତି<br>ଦ୍ୱିତୀୟ ସ୍ତର | ଅଧ୍ୟକ୍ଷ/ଅଧ୍ୟକ୍ଷା, ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ସମିତି ସଭ୍ୟ/ସଭ୍ୟା | ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମ୍ପ୍ରସାରଣ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଅଫିସ ସହକାରୀ, କମ୍ପ୍ୟୁଟର ସହାୟକ, ପିଅନ |
| ଗ୍ରାମପଞ୍ଚାୟତ<br>ପ୍ରଥମ ସ୍ତର | ସରପଞ୍ଚ, ନାଏବ ସରପଞ୍ଚ ୱାର୍ଡ଼ ସଭ୍ୟ/ସଭ୍ୟା | କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପିଅନ/ଜଗୁଆଳି |

ଗ୍ରାମସଭା → ତୃଣମୂଳ ସ୍ତରରେ ଥିବା ଗଣତନ୍ତ୍ରର ସ୍ତମ୍ଭ ← ପଲ୍ଲୀସଭା

# ୭୩ତମ ସମ୍ବିଧାନ ସଂଶୋଧନ

୭୩ତମ ସମ୍ବିଧାନ ସଂଶୋଧନ ଆଇନଟି ଭାରତ ବର୍ଷରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ପୂର୍ବରୁ ବିଭିନ୍ନ ରାଜ୍ୟମାନେ ନିଜ ନିଜ ଢ଼ଙ୍ଗରେ ପଞ୍ଚାୟତିରାଜ କାର୍ଯ୍ୟକାରୀ କରି ଆସୁଥିଲେ । ୧୯୯୩ ମସିହା ଏପ୍ରିଲ ୨୪ ତାରିଖ ଦିନ ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲା । ଯାହା ଫଳରେ ସାରା ଦେଶରେ ପଞ୍ଚାୟତ ଅନୁଷ୍ଠାନମାନଙ୍କୁ ସ୍ୱୟଂଶାସିତ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ କ୍ଷମତା ଓ ଦାୟିତ୍ୱ ମିଳିପାରିଲା ।

ଏଥିରେ ଥିବା ମୁଖ୍ୟ ବ୍ୟବସ୍ଥାଗୁଡ଼ିକ ହେଲା:-

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା (୨୦ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ବ୍ୟତିରେକ) ।

ପାଞ୍ଚବର୍ଷ କାର୍ଯ୍ୟକାଳ, କୌଣସି କାରଣରୁ ସେହି ସମୟ ସୀମା ମଧ୍ୟରେ ପଞ୍ଚାୟତ ଭାଙ୍ଗିଲେ ୬ମାସ ମଧ୍ୟରେ ପୁନଃ ନିର୍ବାଚନ ।

ଗ୍ରାମ ପଞ୍ଚାୟତ ସ୍ତରରେ 'ଗ୍ରାମସଭା' ଗଠନ ।

ସମସ୍ତ ପଞ୍ଚାୟତ ସ୍ତରର ପ୍ରତିନିଧିଙ୍କ ନିମନ୍ତେ ପ୍ରତ୍ୟକ୍ଷ ନିର୍ବାଚନ ବ୍ୟବସ୍ଥା ।

ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ସ୍ତରରେ ଅଧ୍ୟକ୍ଷ ପଦ ପାଇଁ ପରୋକ୍ଷ ନିର୍ବାଚନ । ଗ୍ରାମ ପଞ୍ଚାୟତ ସ୍ତରରେ ଅଧ୍ୟକ୍ଷ ପଦ ନିର୍ବାଚନ ପଦ୍ଧତି ନିର୍ଦ୍ଧାରଣ କରିବା କ୍ଷମତା ରାଜ୍ୟ ସରକାରଙ୍କୁ ନ୍ୟସ୍ତ (ଓଡ଼ିଶାରେ ସରପଞ୍ଚଙ୍କ ନିର୍ବାଚନ ସିଧାସଳଖ ହୋଇଥାଏ ।)

ପ୍ରତ୍ୟେକ ସ୍ତରର ପଞ୍ଚାୟତ ଅନୁଷ୍ଠାନମାନଙ୍କରେ ଜନସଂଖ୍ୟା ଅନୁପାତରେ ତଫସିଲ ଭୁକ୍ତ ଜାତି ଓ ଜନଜାତିଙ୍କ ପାଇଁ ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କ ପାଇଁ ପର୍ଯ୍ୟାୟ କ୍ରମରେ ସଂରକ୍ଷଣ ବ୍ୟବସ୍ଥା ।

ମହିଳାମାନଙ୍କ ପାଇଁ ମୋଟ୍ ଆସନର ଏକ ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ।




ସମ୍ବିଧାନର ଏକାଦଶ ପରିଚ୍ଛଦରେ ଥିବା ୨୯ଟି ବିଷୟ ପଞ୍ଚାୟତିରାଜ ଅନୁଷ୍ଠନମାନଙ୍କୁ ହସ୍ତାନ୍ତର ।

ପ୍ରତ୍ୟେକ ରାଜ୍ୟରେ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ଆର୍ଥିକ ଅବସ୍ଥାର ସମୀକ୍ଷା ଓ ଏହା ଉନ୍ନତି ପାଇଁ ପାଣ୍ଠି ବଣ୍ଟନ କିଭଳି ହେବା ଉଚିତ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସୁପାରିଶ ପ୍ରଦାନ ପାଇଁ ପ୍ରତି ପାଞ୍ଚବର୍ଷରେ ସ୍ୱତନ୍ତ୍ର ଅର୍ଥ କମିଶନ (ଆୟୋଗ) ଗଠନ ।

ପଞ୍ଚାୟତ ଅନୁଷ୍ଠାନ ନିର୍ବାଚନର ତଦାରଖ, ପରିଚାଳନା ନିୟନ୍ତ୍ରଣ ପାଇଁ ରାଜ୍ୟ ସ୍ତରରେ ଏକ ନିର୍ବାଚନ କମିଶନ (ଆୟୋଗ) ଗଠନ ।

# ପଲ୍ଲୀସଭା: ତୃଣମୂଳ ଗଣତନ୍ତ୍ରର ପ୍ରଥମ ସୋପାନ




## କାହାକୁ କୁହାଯାଏ ?

ପ୍ରତ୍ୟେକ ରାଜସ୍ୱ ମୌଜାର ଭୋଟରଙ୍କୁ ନେଇ ଗୋଟିଏ ପଲ୍ଲୀସଭା ଗଠନ କରାଯାଏ । ଯେଉଁ କ୍ଷେତ୍ରରେ ଗୋଟିଏ ୱାର୍ଡ଼ ମଧ୍ୟରେ ଏକାଧିକ ରାଜସ୍ୱ ଗ୍ରାମ ଥାଏ ତେବେ ସେ କ୍ଷେତ୍ରରେ ଏକାଧିକ ପଲ୍ଲୀସଭା ହୁଏ ନାହିଁ । ଏହିସଭା ବର୍ଷକୁ ଅନ୍ୟୂନ ଥରେ ଫେବୃୟାରୀ ମାସରେ ବସିଥାଏ ।

## କେତେଦିନ ଆଗରୁ ନୋଟିସ୍ ଦିଆଯାଏ ?

ଏହି ବୈଠକ ବସିବାର ୧୫ ଦିନ ପୂର୍ବରୁ ବୈଠକର ତାରିଖ ଓ ସ୍ଥାନ ସ୍ଥିର ହୋଇଥାଏ । ମୋଟ୍ ସଭ୍ୟ ସଂଖ୍ୟାର ଏକ ଦଶମାଂଶ ସଭ୍ୟଙ୍କ ଉପସ୍ଥିତିରେ କୋରମ ହୁଏ । ତନ୍ମଧ୍ୟରୁ ଯେତେଦୂର ସମ୍ଭବ ମୋଟ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଏକତୃତୀୟାଂଶ ମହିଳା ରହିବା ବାଞ୍ଛନୀୟ ।

## ନିଷ୍ପତ୍ତି କେମିତି ହୁଏ ?

ସଂଖ୍ୟା ଗରିଷ୍ଠ ଭୋଟ ଦ୍ୱାରା ନିଷ୍ପତ୍ତି ଗୃହୀତ ହୁଏ । ସମାନ ସଂଖ୍ୟକ ଭୋଟ ହେଲେ ସଭାପତି ଆଉ ଏକ ଭୋଟ ଦେଇ ସମସ୍ୟାର ସମାଧାନ କରିଥାନ୍ତି ।

## ସ୍ୱତନ୍ତ୍ର ବୈଠକ

ଅନ୍ୟୁନ ଏକ ପଞ୍ଚମାଂଶ ସଭ୍ୟ ଏକମାସ ପୂର୍ବରୁ ସ୍ୱତନ୍ତ୍ର ବୈଠକ ପାଇଁ ସ୍ଥାନ, ତାରିଖ, ଆଲୋଚନାର ବିଷୟବସ୍ତୁ ସ୍ଥିର କରି ସରପଞ୍ଚଙ୍କୁ ବରାଦ କରିପାରିବେ । ଗ୍ରାମ ପଞ୍ଚାୟତ ଯଦି ଏହି ବୈଠକ ଡ଼କାଇ ନ ପାରନ୍ତି ଆବେଦନରେ ସ୍ୱାକ୍ଷର କରିଥିବା ସଭ୍ୟ ସେହି ତାରିଖରେ ସେହି ସ୍ଥାନରେ ବୈଠକ କରିପାରିବେ ।

## କେଉଁ ବିଷୟ ଆଲୋଚନା ହୁଏ ?

କେଉଁସବୁ ଯୋଜନା ହାତକୁ ନିଆଯିବ, ସେ ସଂପର୍କରେ ତଥା ଗ୍ରାମପଞ୍ଚାୟତ ଦ୍ୱାରା ଉପସ୍ଥାପିତ ବାର୍ଷିକ ବଜେଟ ଅଟକଳ ବିଷୟରେ ଆଲୋଚନା କରାଯାଇଥାଏ । ସାଧାରଣତଃ ପଲ୍ଲୀସଭାର ସ୍ୱତନ୍ତ୍ର ବୈଠକ ଗ୍ରାମ୍ୟ ସ୍ତରର ଶ୍ରମିକ ପ୍ରତିନିଧି ଚୟନ, ବିଭିନ୍ନ ଯୋଜନା ପାଇଁ ହିତାଧିକାରୀ ଚୟନ, ସାମାଜିକ ସମୀକ୍ଷା ତଥା ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟାର ସମାଧାନ ନିମନ୍ତେ ଆହୂତ କରାଯାଇଥାଏ ।

## କାର୍ଯ୍ୟ କଣ ?

- ଫେବୃୟାରୀ ମାସର ବାର୍ଷିକ ବୈଠକରେ ଆସନ୍ତା ବର୍ଷ ପାଇଁ ପଞ୍ଚାୟତ ତରଫରୁ ଯେଉଁ ସବୁ କାର୍ଯ୍ୟ କରାଯିବ ତାହାର ଯୋଜନା ଓ ଅଗ୍ରାଧିକାର ଭିତ୍ତିକ ତାଲିକା ସମସ୍ତଙ୍କ ମତାମତକୁ ନେଇ ସ୍ଥିର କରାଯାଏ ।
- ଗ୍ରା.ପ.ର ବାର୍ଷିକ ଅଟକଳକୁ ଗ୍ରାମ ସଭାର ଅନୁମୋଦନ ପାଇଁ ସୁପାରିଶ କରିବା ।
- ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରି, ସେମାନଙ୍କ ଏକ କ୍ରମ ତାଲିକା ଗ୍ରାମସଭାର ଅନୁମୋଦନ ପାଇଁ ପଠାଇବା ।
- ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଗ୍ରାମ୍ୟ ସ୍ତରୀୟ ଶ୍ରମିକ ନେତା ଚୟନ କରିବ ।

# ଗ୍ରାମସଭା: ତୃଣମୂଳ ଗଣତନ୍ତ୍ରର ଦ୍ୱିତୀୟ ସୋପାନ

## କାହାକୁ କୁହାଯାଏ ?

ଗୋଟିଏ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମ ଗୁଡ଼ିକର ଭୋଟର ତାଲିକା ଭୁକ୍ତ ବ୍ୟକ୍ତି ବିଶେଷଙ୍କ ବିଧିବଦ୍ଧ ବୈଠକକୁ ଗ୍ରାମସଭା କୁହାଯାଏ । ପ୍ରତ୍ୟେକ ଗ୍ରାମର ସମସ୍ତ ଭୋଟର ଏହାର ସଦସ୍ୟ ।

## ଦୁଇଥର ବସେ

ବର୍ଷକୁ ଦୁଇଥର ଗ୍ରାମସଭା ଫେବୃୟାରୀ ଏବଂ ଜୁନ୍ ମାସରେ ହୋଇଥାଏ । ଏହା ବ୍ୟତୀତ ଗ୍ରାମପଞ୍ଚାୟତ ନିୟମାବଳୀ ୨୦୧୪ ଅନୁସାରେ ବାର୍ଷିକ ଚରିଥର ଯଥା ଜାନୁୟାରୀ ୨୬ ତାରିଖ, ମେ ୧ ତାରିଖ, ଅଗଷ୍ଟ ୧୫ ତାରିଖ, ଅକ୍ଟୋବର ୨ ତାରିଖରେ ମଧ୍ୟ ଗ୍ରାମସଭା ବୈଠକ କରାଯାଏ । ସରପଞ୍ଚ ଗ୍ରାମସଭା ବୈଠକରେ ସଭାପତିତ୍ୱ କରନ୍ତି ।

ଗ୍ରାମସଭା ବୈଠକ ନିମନ୍ତେ ଅନ୍ତତଃ ପନ୍ଦର ଦିନ ପୂର୍ବରୁ ନୋଟିସ୍ ଦିଆଯାଏ ।

## କୋରମ

ଗ୍ରାମସଭା ପାଇଁ ମୋଟ ସଭ୍ୟସଂଖ୍ୟାର ଦଶଭାଗରୁ ଏକ ଭାଗ ସଭ୍ୟ ଉପସ୍ଥିତ ଥିଲେ ବୈଠକରେ କୋରମ୍ ହେବ । ମୋଟ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳା ହେବା ଆବଶ୍ୟକ । ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବରଣୀ ଲିପିବଦ୍ଧ କରନ୍ତି ।

## ସ୍ୱତନ୍ତ୍ର ବୈଠକ

କୌଣସି ଏକ ସ୍ୱତନ୍ତ୍ର ବିଷୟବସ୍ତୁ ଯାହା କି ପଞ୍ଚାୟତର ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ, ସେଥିପାଇଁ ଗ୍ରାମସଭାର ସ୍ୱତନ୍ତ୍ର ବୈଠକ ସରପଞ୍ଚ ଡାକି ପାରିବେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ହୋଇପାରିବ ।

## କେଉଁ ବିଷୟ ଆଲୋଚନା ହୁଏ ?

ଗ୍ରାମସଭା ବୈଠକରେ ସାମାଜିକ ଓ ଅର୍ଥନୈତିକ ଉନ୍ନତି ସମ୍ବନ୍ଧୀୟ ଯୋଜନା, କାର୍ଯ୍ୟକ୍ରମ ତଥା ପ୍ରକଳ୍ପ ଗୁଡ଼ିକର




ଅନୁମୋଦନ, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀଙ୍କ ଚିହ୍ନଟ, ଗ୍ରାମ ପାଣ୍ଠିର ବିନିଯୋଗ ସଂପର୍କରେ ପ୍ରମାଣ ପତ୍ର, ବାର୍ଷିକ ବଜେଟ, ସପ୍ଲିମେଣ୍ଟାରୀ ଓ ସଂଶୋଧିତ ବଜେଟ ଅନୁମୋଦନ, ସମସ୍ତ ପ୍ରକାର ଟ୍ୟାକ୍ସ, ଖଜଣା ଓ ଫିସ୍ ନିର୍ଦ୍ଧାରଣ କରିବା ଓ ଏହାର ହାର ବୃଦ୍ଧି, ଗୋଷ୍ଠୀ ସେବା ସଂଗଠନ, କୃଷି ଉତ୍ପାଦନ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା, ବ୍ୟୟ ଅଟକଳର ମଂଜୁରୀ ସମ୍ବନ୍ଧୀୟ ଅନୁମୋଦନ, ବାର୍ଷିକ ଆୟ ବ୍ୟୟର ନୀତି ନିର୍ଦ୍ଧାରଣ, ପ୍ରୌଢ଼ଶିକ୍ଷା ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପୂର୍ବ ଆର୍ଥିକ ବର୍ଷର ଅଡ଼ିଟ ରିପୋର୍ଟ ଓ ପ୍ରଶାସନିକ ବିବରଣୀ ଇତ୍ୟାଦି ସଂପର୍କରେ ଆଲୋଚନା କରାଯାଇଥାଏ । ଆଲୋଚନାର କାର୍ଯ୍ୟସୂଚୀ ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତୁତ ହୁଏ ଓ ନୋଟିସ୍‌ରେ ସ୍ଥାନ ପାଏ ।

## କାର୍ଯ୍ୟ କ'ଣ ?

- ଗ୍ରାମ ସଭାର ସମସ୍ତ ଯୋଜନା ଓ ପ୍ରକଳ୍ପକୁ ଅନୁମୋଦନ ଦେବା ।
- ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବା ।
- ଗ୍ରାମ ପଞ୍ଚାୟତ ଦ୍ୱାରା ଖର୍ଚ୍ଚ ହୋଇଥିବା ଅର୍ଥର ଉପଯୋଗ ସଂକ୍ରାନ୍ତ ପ୍ରମାଣପତ୍ର ଅନୁମୋଦନ କରିବା ।
- ପଞ୍ଚାୟତ ଦ୍ୱାରା ଲାଗୁକରାଯାଉଥିବା ଟିକସ ସ୍ଥିର କରିବା ।
- ଜନସାଧାରଣଙ୍କ ଜାଣିବା ପାଇଁ ପଞ୍ଚାୟତରୁ ତଥ୍ୟ ସଂଗ୍ରହ କରିବା ।
- ଗ୍ରାମାଞ୍ଚଳରେ ଗୋଷ୍ଠୀ ସେବାର ସଂଗଠନ ଦାୟିତ୍ୱ ତୁଲାଇବା ।

# ଗ୍ରାମ ପଞ୍ଚାୟତ ପରିଚାଳନାରେ ସରପଞ୍ଚଙ୍କ ଭୂମିକା

**ସ୍ୱୟଂ ଶାସନ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଛି । ସରପଞ୍ଚ ହେଉଛନ୍ତି ଗ୍ରାମ ପଞ୍ଚାୟତର ମୁଖ୍ୟ ଓ ପ୍ରମୁଖ କ୍ଷମତାଧାରୀ । ସେଥିପାଇଁ ସମ୍ବିଧାନରେ ସରପଞ୍ଚଙ୍କ କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ ସ୍ପଷ୍ଟ କରାଯାଇଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ତୃଣମୂଳ ସ୍ତରଟି ହେଉଛି ଗ୍ରାମପଞ୍ଚାୟତ । ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪ ଅନୁଯାୟୀ ଏକ ବା ଏକାଧିକ ଗ୍ରାମକୁ ନେଇ ଗ୍ରାମପଞ୍ଚାୟତ ଗଠନ କରାଯାଇଥାଏ । ସରପଞ୍ଚ ଓ ୱାର୍ଡ଼ମେମ୍ବର ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ହୋଇଥିବା ବେଳେ ନାଏବ ସରପଞ୍ଚ ନିମନ୍ତେ ପରୋକ୍ଷ ଭାବେ ୱାର୍ଡ଼ମେମ୍ବରମାନଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରାଯାଇଥାଏ ।**




## କ୍ଷମତା ଓ କର୍ତ୍ତବ୍ୟ

**ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମର ଧାରା ୧୯ରେ ସରପଞ୍ଚଙ୍କ କ୍ଷମତା ଲିପିବଦ୍ଧ କରାଯାଇଛି ।**

- ଗ୍ରାମ ପଞ୍ଚାୟତର ପ୍ରଶାସନିକ କ୍ଷମତା ସରପଞ୍ଚଙ୍କୁ ଦିଆଯାଇଛି ।
- ସେ ପଞ୍ଚାୟତର ବୈଠକ ଆହ୍ୱାନ କରିବେ ଓ ଅଧ୍ୟକ୍ଷତା କରିବେ ।
- ଗ୍ରାମ ପଞ୍ଚାୟତର ସମସ୍ତ କାଗଜପତ୍ର, ଦଲିଲ, ନଗଦ ଟଙ୍କା, ସଂପତ୍ତି, ମୂଲ୍ୟବାନ ଜିନିଷର ଦାୟିତ୍ୱରେ ରହିବେ ।
- ଗ୍ରାମ ପଞ୍ଚାୟତ ପକ୍ଷରୁ ଚୁକ୍ତିପତ୍ର ସଂପାଦନ କରିବେ ।
- ଗ୍ରାମ ପଞ୍ଚାୟତର ଆବଶ୍ୟକ ସମସ୍ତ ତଥ୍ୟ ଓ ବିବରଣୀ ସେକ୍ରେଟାରୀଙ୍କ ସହାୟତାରେ ପ୍ରସ୍ତୁତ କରିବେ
- ଗ୍ରାମ ପଞ୍ଚାୟତର ସମସ୍ତ, ଚିଠିପତ୍ର ଆଦାନପ୍ରଦାନର କ୍ଷମତା ତାଙ୍କର ଅଛି ।
- ପଞ୍ଚାୟତ ସମିତି ବୈଠକରେ ଅଂଶ ଗ୍ରହଣ କରିବେ ।

## ଗ୍ରାମ ପଞ୍ଚାୟତ ବୈଠକ ଡକାଯିବାର ନିୟମ

ଗ୍ରାମ ପଞ୍ଚାୟତ ଆଇନ, ୧୯୬୪ର ଧାରା ୧୨୪ ଉପଧାରା ୧୦ ଅନୁସାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ ସୁପରିଚାଳନା ନିମନ୍ତେ ଗ୍ରାମ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୁଏ ।

- ଏହି ବୈଠକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବା ପଞ୍ଚାୟତର କୌଣସି ସର୍ବସାଧାରଣ ସ୍ଥାନରେ ଅନୁଷ୍ଠିତ କରିବା ପାଇଁ ସରପଞ୍ଚଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ ।
- ସାଧାରଣ ବୈଠକ ପ୍ରତି ମାସରେ ଥରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଅନୁଷ୍ଠିତ ହୁଏ । କୌଣସି କାରଣରୁ ନିର୍ଦ୍ଦିଷ୍ଟ ତାରିଖରେ ବୈଠକ ଡକାଯାଇ ନପାରିଲେ ଆଗାମୀ ୧୫ ଦିନ ମଧ୍ୟରେ ବୈଠକ ଡ଼ାକିବାକୁ ସରପଞ୍ଚ ତାରିଖ ସ୍ଥିର କରିଥାନ୍ତି ।
- ବୈଠକ ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ସାତ ଦିନ ପୂର୍ବରୁ ସଭ୍ୟ-ସଭ୍ୟାମାନଙ୍କୁ ନୋଟିସ୍ ମାଧ୍ୟମରେ ସ୍ଥାନ, ସମୟ ଓ ଆଲୋଚନାର ବିଷୟବସ୍ତୁ ଜଣାଇ ଦିଆଯାଏ ।
- ସରପଞ୍ଚଙ୍କ ଦସ୍ତଖତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନୋଟିସ୍ ଜାରୀ କରନ୍ତି ଏବଂ ଏହି ନୋଟିସ୍‌ର ଏକ ନକଲ ବିଡ଼ିଓଙ୍କୁ ମଧ୍ୟ ଦିଆଯାଏ ।
- ଗାଁରେ କୌଣସି ୱାର୍ଡ଼ ସଭ୍ୟ ଅନୁପସ୍ଥିତ ଥିଲେ ତାଙ୍କୁ ଗ୍ରାମର ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିର ନୋଟିସ୍‌ର ଲଟକା ଜାରି କରାଯିବ । ନୋଟିସ୍ ପାଇ ସଭ୍ୟ/ସଭ୍ୟା ବୈଠକରେ ଅନୁପସ୍ଥିତ ହେଲେ ବୈଠକ ଅକାମୀ ହୋଇ ନ ଥାଏ ।
- କ୍ରମାଗତ ଭାବରେ ଚାରି ମାସରେ ୩ଟି ବୈଠକ ଡାକିବାରେ ବିଫଳ ହେଲେ ସରପଞ୍ଚଙ୍କୁ ନିଜ ପଦବୀ



ହରାଇବାକୁ ପଡ଼େ । ସେହିପରି ଲାଗଲାଗ ୩ଟି ବୈଠକରେ ଜଣେ ୱାର୍ଡ଼ ସଭ୍ୟ ଅନୁପସ୍ଥିତ ଥିଲେ ତାଙ୍କୁ ନିଜ ପଦ ହରାଇବାକୁ ପଡ଼େ ।

■ ଗୋଟିଏ ଗ୍ରାମ ପଞ୍ଚାୟତର ମୋଟ ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟ ବୈଠକରେ ଉପସ୍ଥିତ ନ ରହିଲେ କୋରମ ହୋଇପାରେ ନାହିଁ ତେଣୁ ବୈଠକ ସ୍ଥଗିତ ରଖାଯାଏ । ଏହି ସ୍ଥଗିତ ଥିବା ବୈଠକ ୩ଦିନ ଆଗରୁ ନୋଟିସ୍ ଦିଆଯାଇ ପୁନର୍ବାର ଡକାଯାଏ ଏବଂ ଏହି ସଭା ପାଇଁ କୋରମର ଆବଶ୍ୟକତା ନାହିଁ । ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ପଞ୍ଚାୟତ ବୈଠକରେ ଅଧ୍ୟକ୍ଷତା କରିପାରିବେ ।

■ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ଅନୁପସ୍ଥିତିରେ, ଉପସ୍ଥିତ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବୈଠକରେ ସଭାପତିତ୍ୱ କରିବା ନିମନ୍ତେ ନିର୍ବାଚିତ କରନ୍ତି ।

■ ଏହି ବୈଠକରେ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଅଂଶ ଗ୍ରହଣ କରିଥାନ୍ତି ।




## ସ୍ୱତନ୍ତ୍ର ବୈଠକ

**ସରପଞ୍ଚ ଯେ କୌଣସି ସମୟରେ ଗ୍ରାମ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ଡ଼ାକିପାରିବେ ।**

■ ଗ୍ରାମ ପଞ୍ଚାୟତର ସମୁଦାୟ ସଭ୍ୟ ସଭ୍ୟା ସଂଖ୍ୟାର ଅନ୍ୟୁନ ଏକ ତୃତୀୟାଂଶଙ୍କ ବରାଦ କ୍ରମେ ସ୍ୱତନ୍ତ୍ର ବୈଠକ ଡକାଯାଇପାରିବ । ଯଦି ଏହି ବରାଦର ତିରିଶ ଦିନ ମଧ୍ୟରେ ସରପଞ୍ଚ ବୈଠକ ଡକାଇବାରେ ଅସଫଳ ହୁଅନ୍ତି ତେବେ ସ୍ୱାକ୍ଷର କରିଥିବା ସଭ୍ୟ/ସଭ୍ୟା ଏହି ବିଷୟ ଉପ-ଜିଲ୍ଲାପାଳଙ୍କୁ ଜଣାଇବେ ଓ ସେ ସୂଚନା ପ୍ରାପ୍ତିର ୩ ଦିନ ମଧ୍ୟରେ ବୈଠକ ଡ଼ାକିପାରିବେ ।

■ ଏତଦ୍ ବ୍ୟତୀତ ଜିଲ୍ଲାପାଳ ବା ସରକାରଙ୍କ ଦ୍ୱାରା କ୍ଷମତା ସଂପନ୍ନ ଅନ୍ୟ କୌଣସି ପଦାଧିକାରୀ ବରାଦକ୍ରମେ ସ୍ୱତନ୍ତ୍ର ବୈଠକ ଡ଼କାଇପାରିବେ ।

■ ଏହି ବୈଠକରେ ସେହି ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲାପାଳ ବା କୌଣସି ସରକାରୀ କର୍ମଚାରୀ ବା କୌଣସି ବ୍ୟକ୍ତି ରାଜ୍ୟ ସରକାରଙ୍କଠାରୁ ଅଧିକାର ପ୍ରାପ୍ତ ହୋଇଥିବେ ସେମାନେ ଗ୍ରାମ ପଞ୍ଚାୟତ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ କିନ୍ତୁ ସେମାନଙ୍କର କୌଣସି ନିଷ୍ପତ୍ତି ଉପରେ ଭୋଟ ଦେବାର ଅଧିକାର ନାହିଁ ।

## ସ୍ଥାୟୀ କମିଟି

**ପ୍ରତ୍ୟେକ ଗ୍ରାମ ପଞ୍ଚାୟତର କାର୍ଯ୍ୟ ପରିଚାଳନା ପାଇଁ ୭ଟି ସ୍ଥାୟୀ କମିଟି ଗଠିତ ହୋଇଥାଏ ।**

**ସେଗୁଡ଼ିକ ହେଲା -**

୧) ଯୋଜନା, ଅର୍ଥ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ସମନ୍ୱୟ ସ୍ଥାୟୀ କମିଟି

୨) କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଫଳ ଓ ପରିବା ଚାଷ, ଜଳଛାୟା ଉନ୍ନୟନ ମତ୍ସ୍ୟ ସ୍ଥାୟୀ କମିଟି

୩) ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟ ଜଳଯୋଗାଣ ଓ ଗ୍ରାମ ପରିମଳ ସ୍ଥାୟୀ କମିଟି

୪) ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ ତଥା ମହିଳା ଓ ଶିଶୁ କଲ୍ୟାଣ ସ୍ଥାୟୀ କମିଟି (କେବଳ ମହିଳା ସଦସ୍ୟା)

୫) ସାଧାରଣ ବଣ୍ଟନ ବ୍ୟବସ୍ଥା, ଜଙ୍ଗଲ, ଜାଳେଣୀ, ଗୋଖାଦ୍ୟ ଓ ଦୁର୍ବଳ ଶ୍ରେଣୀର କଲ୍ୟାଣ ସ୍ଥାୟୀ କମିଟି

୬) ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ତଥା ଗ୍ରାମ୍ୟ ଗୃହ ନିର୍ମାଣ ସ୍ଥାୟୀ କମିଟି

୭) ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ସ୍ଥାୟୀ କମିଟି

## କିପରି ଗଠନ ହୋଇଥାଏ ?

ଯେଉଁ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିଙ୍କ ସଂଖ୍ୟା ୨୦ ବା ତତୋଽଧିକ ସେହି ପଞ୍ଚାୟତର ସ୍ଥାୟୀ କମିଟି ଗୁଡ଼ିକରେ ପାଞ୍ଚଜଣ ସଦସ୍ୟ ରହନ୍ତି ଏବଂ ଏହାଠାରୁ କମ୍ ସଂଖ୍ୟକ ନିର୍ବାଚିତ ପ୍ରତିନିଧି ଥିବା ଗ୍ରାମ ପଞ୍ଚାୟତର ସ୍ଥାୟୀ କମିଟି ଗୁଡ଼ିକରେ ୩ ଜଣ ଲେଖାଏଁ ସଦସ୍ୟ ରହନ୍ତି । ସ୍ଥାୟୀ କମିଟିର ସଦସ୍ୟ ଓ ଅଧ୍ୟକ୍ଷଙ୍କୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ନିର୍ବାଚିତ କରିଥାଆନ୍ତି । ଏହି କମିଟିଗୁଡ଼ିକର କାର୍ଯ୍ୟକାଳ ଦୁଇବର୍ଷ । ଦୁଇ ବର୍ଷ ପୂରଣ ହେବାର ଏକ ମାସ ପୂର୍ବରୁ ନୂତନ ସ୍ଥାୟୀ କମିଟି ନିର୍ବାଚନ କରାଯାଏ । ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରତି ସ୍ଥାୟୀ କମିଟିର ସଂପାଦକ ରୂପେ କାର୍ଯ୍ୟ କରିଥାଆନ୍ତି । କମିଟି ବୈଠକର ବିବରଣୀ ସେ ଲିପିବଦ୍ଧ କରିଥାଆନ୍ତି । ଗୋଟିଏ ଗ୍ରାମ ପଞ୍ଚାୟତର ସରପଞ୍ଚ ବା ନାଏବ ସରପଞ୍ଚ ଯିଏକି ମହିଳା ହୋଇଥିବେ ସେ ୪ର୍ଥ ସ୍ଥାୟୀ କମିଟିର ଅଧ୍ୟକ୍ଷା ରହିଥାଆନ୍ତି ଏବଂ ଏହି କମିଟିକୁ କେବଳ ମହିଳା ସଦସ୍ୟାମାନେ ନିର୍ବାଚିତ ହୋଇଥାଆନ୍ତି । ସଂପୃକ୍ତ ସ୍ଥାୟୀ କମିଟି ଦାୟୀତ୍ୱରେ ଥିବା ବିଷୟ ଉପରେ ଅଭିଜ୍ଞତା ଓ ଜ୍ଞାନ ଥିବା ଅଧିକ ତିନିଜଣ ବ୍ୟକ୍ତି ଯେଉଁମାନେ ପଞ୍ଚାୟତର ସଦସ୍ୟ ନୁହନ୍ତି, ସେମାନଙ୍କୁ ପଞ୍ଚାୟତ ପ୍ରତ୍ୟେକ ସ୍ଥାୟୀ କମିଟିକୁ ସଦସ୍ୟ ଭାବେ ବାଛି ପାରିବେ । ପଞ୍ଚାୟତର ସ୍ଥାନୀୟ ଇଲାକାରେ କାର୍ଯ୍ୟ କରୁଥିବା ଅଗ୍ରଣୀ ବ୍ୟାଙ୍କ, ସମବାୟ ବ୍ୟାଙ୍କ/ବ୍ୟବସାୟିକ ବ୍ୟାଙ୍କ, ଆଞ୍ଚଳିକ

## ବୈଷୟିକ ଓ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ

| ପ୍ରକଳ୍ପର ଅଟକଳମୂଲ୍ୟ | ପ୍ରଶାସନିକ ମଞ୍ଜୁରୀ | ବୈଷୟିକ ମଞ୍ଜୁରୀ | ପ୍ରତିସ୍ୱାକ୍ଷର | ମାପ | ଯାଞ୍ଚମାପ |
|---|---|---|---|---|---|
| ୫୦ହଜାର ଟଙ୍କା ପର୍ଯ୍ୟନ୍ତ | ସରପଞ୍ଚ | ବ୍ଲକ କନିଷ୍ଠ ଯନ୍ତ୍ରୀ | ଆବଶ୍ୟକ ନାହିଁ | କନିଷ୍ଠ ଯନ୍ତ୍ରୀ | ଆବଶ୍ୟକ ନାହିଁ |
| ୫୦ହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ସରପଞ୍ଚ | ବ୍ଲକ କନିଷ୍ଠ ଯନ୍ତ୍ରୀ | ସହକାରୀ ଯନ୍ତ୍ରୀ | କନିଷ୍ଠ ଯନ୍ତ୍ରୀ | ସହକାରୀ ଯନ୍ତ୍ରୀ |
| ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା | ଗ୍ରାମପଞ୍ଚାୟତ ବୈଠକରେ ଅନୁମୋଦନ | ବ୍ଲକ କନିଷ୍ଠ ଯନ୍ତ୍ରୀ | ସହକାରୀ ଯନ୍ତ୍ରୀ | କନିଷ୍ଠ ଯନ୍ତ୍ରୀ | ସହକାରୀ ଯନ୍ତ୍ରୀ |

ଗ୍ରାମ୍ୟ ବ୍ୟାଙ୍କ, ଜୀବନ ବୀମା ନିଗମ, ସାଧାରଣ ବୀମା ନିଗମ ଗୁଡ଼ିକର ପ୍ରତିନିଧିମାନଙ୍କ ଭିତରୁ ତିନିଜଣଙ୍କୁ ସଂପୃକ୍ତ ସ୍ଥାୟୀ କମିଟିଗୁଡ଼ିକୁ ସଦସ୍ୟ ରୂପେ ବଛାଯାଇ ପାରିବ (ଯଦି ସେମାନଙ୍କର ସହାୟତାର ଆବଶ୍ୟକତା ଅନୁଭୂତ ହେଉଥାଏ) । ଏହି କାର୍ଯ୍ୟକ୍ରମ ପଞ୍ଚାୟତ ଦ୍ୱାରା ହିଁ ସ୍ଥିର କରାଯିବ ।

## କ୍ଷମତା ଓ କାର୍ଯ୍ୟ

**ନିର୍ଦ୍ଧାରିତ ଦାୟିତ୍ୱର ସୁପରିଚାଳନା ପାଇଁ କମିଟି ସଭ୍ୟ ଦାୟୀ ରହିବେ ।**

■ ପ୍ରତ୍ୟେକ ସ୍ଥାୟୀ କମିଟି ବୈଠକରେ ନ୍ୟସ୍ତ ବିଷୟ ଉପସ୍ଥାପନ କରାଯାଏ ।

■ ଯୋଜନା ଓ ପ୍ରକଳ୍ପର ଚୂଡ଼ାନ୍ତ ଏବଂ ସମ୍ବଳ ଆବଣ୍ଟନ ପାଇଁ ସ୍ଥାୟୀ କମିଟିର ସୁପାରିଶ ପଞ୍ଚାୟତ ସମ୍ମୁଖରେ ଉପସ୍ଥାପିତ ହୋଇଥାଏ ।

■ ସ୍ଥାୟୀ କମିଟିଗୁଡ଼ିକ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ଏବଂ ପ୍ରକଳ୍ପର ଯଥାଯଥ ରୂପାୟନକୁ ସୁନିଶ୍ଚିତ କରାଇଥାଆନ୍ତି ।

■ ସ୍ଥାୟୀ କମିଟିର ସୁପାରିଶକୁ ରୂପାୟନ କରିବା ଗ୍ରାମ ପଞ୍ଚାୟତର ସିଦ୍ଧାନ୍ତ ଉପରେ ନିର୍ଭର କରିଥାଏ ।

■ କମିଟି ସୁପାରିଶର ସଂଶୋଧନ କରିବା ପାଇଁ ପଞ୍ଚାୟତ କ୍ଷମତାସଂପନ୍ନ ଅଟନ୍ତି ।

## ସ୍ଥାୟୀ କମିଟିର ବୈଠକ

■ ପ୍ରତ୍ୟେକ ସ୍ଥାୟୀ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷା କମିଟିର ସାଧାରଣ ବୈଠକ ବସିବାର ତାରିଖ, ସମୟ ନିର୍ଣ୍ଣୟ କରିଥାଆନ୍ତି । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କମିଟିର ବୈଠକ ହୋଇଥାଏ ।

■ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷା ଯେ କୌଣସି ସମୟରେ କମିଟିର ସ୍ୱତନ୍ତ୍ର ବୈଠକ ଅର୍ଦ୍ଧାଧିକ ସଭ୍ୟଙ୍କ ଲିଖିତ ଦାବି ଅନୁସାରେ ଦରଖାସ୍ତ ପାଇବାର ୭ ଦିନ ଭିତରେ ଡ଼ାକି ପାରିବେ ।

■ ଅର୍ଦ୍ଧାଧିକ ସଭ୍ୟ ଉପସ୍ଥିତ ନ ଥିଲେ କୌଣସି ସ୍ଥାୟୀ କମିଟି ବୈଠକ ହୋଇପାରିବ ନାହିଁ ।

■ ବୈଠକର କାର୍ଯ୍ୟସୂଚୀ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ଶେଷରେ ତାହା ତାଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ।

■ ବୈଠକର ଆଲୋଚନା ସଭା ବହିରେ ସାରାଂଶ ଓ ସୁପାରିଶ ଗୁଡ଼ିକ ଲିପିବଦ୍ଧ ରହିବ ।




## ପ୍ରକଳ୍ପ କାର୍ଯ୍ୟକାରୀତାରେ ସରପଞ୍ଚଙ୍କ ଭୂମିକା

**ଯେ କୌଣସି ଉନ୍ନୟନ ମୂଳକ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ସରପଞ୍ଚ ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ ।**

■ ପ୍ରତ୍ୟେକ ପ୍ରକଳ୍ପ ପଲ୍ଲୀସଭା / ଗ୍ରାମସଭା ଦ୍ୱାରା ଅନୁମୋଦିତ ହେବା ଜରୁରୀ ।

■ ପ୍ରକଳ୍ପ ନିମନ୍ତେ ଖର୍ଚ୍ଚ ବଜେଟରେ ସ୍ଥାନିତ ହୋଇଥିବ ।

■ ପଞ୍ଚାୟତ ନିକଟରେ ବ୍ୟୟ ଅଟକଳ ଅନୁସାରେ ଅନୁଦାନ ମହଜୁଦ ଥିବ / ପହଞ୍ଚିଥିବ ।

■ ପ୍ରକଳ୍ପ ପାଇଁ କନିଷ୍ଠ ଯନ୍ତ୍ରୀ ଆବଶ୍ୟକ ନକ୍ସା ଓ ଅଟକଳ (ପ୍ଲାନ ଏଷ୍ଟିମେଟ) ପ୍ରସ୍ତୁତ କରିଥାଆନ୍ତି ।

■ ଏକ ଲକ୍ଷ ପର୍ଯ୍ୟନ୍ତ ଅର୍ଥର ପ୍ରକଳ୍ପକୁ ପ୍ରଶାସନିକ ମଂଜୁରୀ ସରପଞ୍ଚ ପ୍ରଦାନ କରିଥାଆନ୍ତି । ଏହା ଠାରୁ ଉର୍ଦ୍ଧ୍ୱ ଅର୍ଥର ପ୍ରକଳ୍ପକୁ ଗ୍ରାମପଞ୍ଚାୟତ ବୈଠକର ନିର୍ଦ୍ଧାରଣ ଅନୁସାରେ ପ୍ରଶାସନିକ ମଂଜୁରୀ ଦିଆଯାଇଥାଏ ।

■ ପ୍ରଶାସନିକ ଓ ବୈଷୟିକ ମଂଜୁରୀ ପରେ ସରପଞ୍ଚ କାର୍ଯ୍ୟାଦେଶ ପ୍ରଦାନ କରିଥାଆନ୍ତି ।

### ପ୍ରକଳ୍ପ ରୂପାୟନରେ ସରପଞ୍ଚଙ୍କ ଦାୟିତ୍ୱ

■ କାର୍ଯ୍ୟ ଚାଲୁଥିବା ସ୍ଥଳ ପରିଦର୍ଶନ କରିବେ ।

■ କାର୍ଯ୍ୟ ସମାପ୍ତ ପରେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ମାପ ବହିରେ ମାପ ରେକର୍ଡ଼ କରି ଆବଶ୍ୟକ ସ୍ଥଳେ ଯାଞ୍ଚ କରିବେ । ପ୍ରକଳ୍ପର ମାପ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ / ସଂପୃକ୍ତ ୱାର୍ଡ଼ ସଭ୍ୟଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କରାଯାଏ ।

■ ସମସ୍ତ ବ୍ୟୟର ଭାଉଚରଗୁଡ଼ିକୁ ନମ୍ବର କରାଯାଇ କ୍ରମାନୁସାରେ ଗାର୍ଡ଼ ଫାଇଲରେ ରଖାଯାଏ ଓ ଅଡ଼ିଟ / ସମୀକ୍ଷା ନିମନ୍ତେ ଉପସ୍ଥାପନ କରାଯାଏ ।

■ ପ୍ରକଳ୍ପ କାର୍ଯ୍ୟକାରୀତା ନିମନ୍ତେ ଅର୍ଥ ଉଠାଣ ଓ କ୍ୟାସ ବହି ରକ୍ଷଣାବେକ୍ଷଣ ନିର୍ଭୁଲ ହେବା ଆବଶ୍ୟକ ।

■ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ଶେଷରେ ସରପଞ୍ଚଙ୍କ ଦସ୍ତଖତରେ ଅନୁଦାନ ପ୍ରଦାନ କରିଥିବା ସଂସ୍ଥାକୁ ବିନିଯୋଗ ପ୍ରମାଣପତ୍ର ପଠାଯାଏ ।



**ପଞ୍ଚାୟତ ସହାୟତା କେନ୍ଦ୍ର**
**ନିଃଶୁଳ୍କ ନମ୍ବର :- ୧୮୦୦ ୩୪୫୬୭ ୬୮**

# ଦାରିଦ୍ର୍ୟମୁକ୍ତ ହେବ ୧୩୪୨ ପଞ୍ଚାୟତ



ଦାରିଦ୍ର୍ୟରୁ ମୁକ୍ତି ପାଇଁ ରାଜ୍ୟର ୧୩୪୨ଟି ଗ୍ରାମ ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ବିକଶିତ କରାଯିବ । କୃଷି ଉତ୍ପାଦକତା ବୃଦ୍ଧି, ଯୁବବର୍ଗଙ୍କୁ କୌଶଳ ତାଲିମ, କୃଷି ଓ ଅଣକୃଷି କାର୍ଯ୍ୟପାଇଁ ସୁଯୋଗ ସୃଷ୍ଟି ଏବଂ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମକୁ ଏଥିପାଇଁ ଲକ୍ଷ୍ୟଭିତ୍ତିକ କରାଯିବ । ମୁଖ୍ୟ ଶାସନସଚିବ ଶ୍ରୀ ଆଦିତ୍ୟପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ପଞ୍ଚାୟତିରାଜ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂହ ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

ପଞ୍ଚାୟତିରାଜ ସଚିବ କହିଥିଲେ ଯେ, ଦେଶର ପ୍ରାୟ ୫୦ହଜାର ଗ୍ରାମପଞ୍ଚାୟତକୁ ଦାରିଦ୍ର୍ୟମୁକ୍ତ କରିବା ପାଇଁ ଭାରତ ସରକାର ଅନ୍ତ୍ୟୋଦୟ ମିଶନ ଘୋଷଣା କରିଛନ୍ତି । ଏହି ମିଶନରେ ଓଡ଼ିଶା ସାମିଲ୍ ହୋଇଛି । ପଞ୍ଚାୟତ ସ୍ତରରେ ରୋଜଗାର ସୁଯୋଗ, ପରିବେଶ ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ କୌଶଳ ବିକାଶ ଉପରେ ଧ୍ୟାନ ଦିଆଯିବ । ଏହି କ୍ଷେତ୍ରର ଭିତ୍ତିଭୂମି ସୃଷ୍ଟି ସହ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ମିଶନ ଜରିଆରେ ସଚେତନତା ସୃଷ୍ଟି କରାଯିବ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମିଶନର କାର୍ଯ୍ୟକାରୀତା ପାଇଁ ରାଜ୍ୟସ୍ତରୀୟ ସମ୍ପନ୍ନ କମିଟି ଗଠନ କରାଯାଇଛି । ପଞ୍ଚାୟତିରାଜ ସଚିବ ଏହାର ଆବାହକ ଥିବାବେଳେ ଅର୍ଥ, ପ୍ରଯୁକ୍ତି ବିଦ୍ୟା, କୃଷି, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶକ୍ତି ବିଭାଗ ସଚିବ ଏଥିରେ ସଦସ୍ୟ ଅଛନ୍ତି ।

## କୁଇଜ୍

ଓଡ଼ିଶା ପଞ୍ଚାୟତ ସମାଚାରର ପ୍ରତି ସଂସ୍କରଣରେ ପଞ୍ଚାୟତିରାଜ ବିଭାଗ ସମ୍ପର୍କରେ ନିଜର ସାଧାରଣ ଜ୍ଞାନ ପରୀକ୍ଷା ପାଇଁ ଏଭଳି ୫ଟି ପ୍ରଶ୍ନ ସମ୍ବଳିତ କୁଇଜ୍ ପ୍ରକାଶ ପାଉଛି । ପାଠକଙ୍କୁ ଅନୁରୋଧ ସେମାନେ ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ୪ଟି ଉତ୍ତର ମଧ୍ୟରୁ କେଉଁଟି ଠିକ୍, ତାହା ନିର୍ଣ୍ଣୟ କରି ତଳେ ପ୍ରଦତ୍ତ ସଠିକ୍ ଉତ୍ତର ସହ ମିଳାଇଲେ ନିଜର ସାଧାରଣ ଜ୍ଞାନ ପରଖି ପାରିବେ ।

୧- ୭୩ତମ ସମ୍ବିଧାନ ସଂଶୋଧନ ଫଳରେ ନିମ୍ନଲିଖିତ କେଉଁ ବ୍ୟବସ୍ଥା ଦ୍ୱାରା ପଞ୍ଚାୟତ ସଶକ୍ତୀକରଣ ନିମନ୍ତେ ପଦକ୍ଷେପ ନିଆଯାଇଛି ?
(କ) ଲୋକ ଅଦାଲତ (ଖ) ରାଜ୍ୟ ଯୋଜନା ବୋର୍ଡ (ଗ) ରାଜ୍ୟ ଅର୍ଥ ଆୟୋଗ (ଘ) ରାଜ୍ୟ ମହିଳା ଆୟୋଗ

୨- ଓଡ଼ିଶାର ଗ୍ରାମପଞ୍ଚାୟତରେ ୱାର୍ଡ ସଂଖ୍ୟା କେତେ ରୁ କେତେ ମଧ୍ୟରେ ହୋଇଥାଏ ?
(କ) ୧୧ ରୁ ୨୫ (ଖ) ୯ ରୁ ୧୭ (ଗ) ୧୦ ରୁ ୨୦ (ଘ) ୫ ରୁ ୨୫

୩- ଗ୍ରାମପଞ୍ଚାୟତରେ କେତେଗୋଟି ସ୍ଥାୟୀ କମିଟି ଥାଏ ?
(କ) ୮ଟି (ଖ) ୫ଟି (ଗ) ୭ଟି (ଘ) ୪ଟି

୪- ଗ୍ରାମସଭାର ବୈଠକରେ ସର୍ବନିମ୍ନ ଉପସ୍ଥିତି କେତେ ହେଲେ କୋରମ ହୁଏ ?
(କ) ମୋଟ ସଭ୍ୟ ସଂଖ୍ୟାର ଦୁଇ ତୃତୀୟାଂଶ (ଖ) ମୋଟ ସଭ୍ୟ ସଂଖ୍ୟାର ଏକ ଦଶମାଂଶ (ଗ) ମୋଟ ସଭ୍ୟ ସଂଖ୍ୟାର ଅଧା (ଘ) ମୋଟ ସଭ୍ୟ ସଂଖ୍ୟାର ୩୩ ପ୍ରତିଶତ

୫- ପଲ୍ଲୀସଭା ବୈଠକରେ କିଏ ଅଧ୍ୟକ୍ଷତା କରିଥା'ନ୍ତି ?
(କ) ବିଡିଓ (ଖ) ୱାର୍ଡ ସଭ୍ୟ (ଗ) ନିର୍ବାହୀ ଅଧିକାରୀ (ଘ) ସରପଞ୍ଚ

**ଉତ୍ତର**

୧.(ଗ) ୨.(କ) ୩.(ଗ) ୪.(ଖ) ୫.(ଖ)

## ଓଡ଼ିଶା ପଞ୍ଚାୟତ ସମାଚାର

ପଢ଼ିବା ଶୁଣିବା ଦେଖିବା

ଓଡ଼ିଶା ପଞ୍ଚାୟତ ସମାଚାରରେ କିଛି କାହାଣୀ ଓ ସୂଚନା ସମ୍ପର୍କିତ ଭିଡ଼ିଓ ଅପ୍‌ଲୋଡ୍ ହୋଇ ତହିଁର QR Code ପ୍ରକାଶ କରାଯାଉଛି । ସ୍ମାର୍ଟ ଫୋନ୍‌ରେ ଏହା ଦେଖିବା ପାଇଁ Play Storeରୁ QR Reader App. ଡାଉନଲୋଡ କରନ୍ତୁ । ବିଭିନ୍ନ ପୃଷ୍ଠାରେ ପ୍ରଦତ୍ତ ଏଭଳି କୋଡ୍‌କୁ ସ୍କାନ୍ କଲାବେଳେ ସୃଷ୍ଟି ହେଉଥିବା Linkକୁ କ୍ଲିକ୍ କରନ୍ତୁ । ଏହାଦ୍ୱାରା ଆପଣ ନିଜ ସ୍ମାର୍ଟ ଫୋନ୍‌ରେ ଭିଡିଓ ଦେଖିପାରିବେ ।

ବିଜୁ ଜନ୍ମଶତାବାର୍ଷିକୀ ଉଦ୍‌ଯାପନୀ ଉତ୍ସବ ଓ ପଞ୍ଚାୟତିରାଜ ସମାରୋହର ଭିଡିଓ ପାଇଁ ଏହି QR Code ସ୍କାନ୍ କରନ୍ତୁ

## ଜରୁରୀ ସୂଚନା

ବିଜୁ ପକ୍କାଘର ଓ ଅନ୍ୟାନ୍ୟ ଗ୍ରାମାଞ୍ଚଳ ଗୃହନିର୍ମାଣ ଯୋଜନାରେ ଘର ଯୋଗାଇଦେବା ପାଇଁ କେହି ଅର୍ଥ ମାଗୁଥିଲେ ତୁରନ୍ତ ପଞ୍ଚାୟତିରାଜ ବିଭାଗର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର **୧୮୦୦ ୩୪୫ ୬୭୬୮** ରେ ଅଭିଯୋଗ କରନ୍ତୁ । ଏହା ସ୍ଥାନୀୟ ବିଡିଓ ଏବଂ ସମ୍ପୃକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ମଧ୍ୟ ଆଣନ୍ତୁ । ଆପଣଙ୍କ ଅଭିଯୋଗ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ।

Chief Advisor : Dr. Arun Kumar Sahoo, Hon'ble Minister, Panchayati Raj & Law.
Advisor : Deoranjan Kumar Singh, IAS, Commissioner-cum-Secretary
Editor : S N Girish, IAS, Director, SIRD & PR
Contents Editing & Presentation : Sankalp, Bhubaneswar - 751001, e-mail : sankalptv@gmail.com

Editorial Board : Pranabjyoti Nath, IAS, Director, OLM, Hemant Kumar Padhi, Director, Panchayati Raj, Manas Ranjan Debata, Joint Secy., Saroj Kumar Dash, Dy. Director, SIRD & PR
Printed and Published by S N Girish on behalf of State Institute for Rural Development & Panchayati Raj, Unit-8, Bhubaneswar-751012, Dist.-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar-751010, Editor : S N Girish

ମୁଖ୍ୟ ଉପଦେଷ୍ଟା : ଡଃ ଅରୁଣ କୁମାର ସାହୁ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ଆଇନ
ଉପଦେଷ୍ଟା : ଦେଓରଞ୍ଜନ କୁମାର ସିଂହ, ଭାପ୍ରସେ, କମିଶନର ତଥା ଶାସନ ସଚିବ
ସମ୍ପାଦକ : ଏସ୍ ଏନ୍ ଗିରୀଶ, ଭାପ୍ରସେ, ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
[illegible] ସଂକଳ୍ପ, ଭୁବନେଶ୍ୱର-୭୫୧୦୦୧, ଇ-ମେଲ୍ : sankalptv@gmail.com

ସମ୍ପାଦନା ମଣ୍ଡଳୀ : ପ୍ରଣବଜ୍ୟୋତି ନାଥ, ଭାପ୍ରସେ, ନିର୍ଦ୍ଦେଶକ, ଓଡ଼ିଶା ଜୀବିକା ମିଶନ । ହେମନ୍ତ କୁମାର ପାଢ଼ୀ, ନିର୍ଦ୍ଦେଶକ, ପଞ୍ଚାୟତିରାଜ । ମାନସ ରଞ୍ଜନ ଦେବତା, ଯୁଗ୍ମ ଶାସନ ସଚିବ । ସରୋଜ କୁମାର ଦାଶ, ଉପ ନିର୍ଦ୍ଦେଶକ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ।
ପ୍ରକାଶକ : ଏସ୍ ଏନ୍ ଗିରୀଶ, ନିର୍ଦ୍ଦେଶକ, ରାଜ୍ୟ [illegible]
ମୁଦ୍ରଣ : ଗାୟତ୍ରୀ ଇଣ୍ଡଷ୍ଟ୍ରିଜ୍, ଟିଏସ୍୩/୧୯୩, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦